

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 AUGUST 2023
Vol.No. 35 ■ No. 211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଚନିକ ଭୋଟରେ କାଟ୍ ଖାଇଲା ଅନାସ୍ଥା ପ୍ରସ୍ତାବ



ନୂଆଦିଲ୍ଲୀ,୧୦/୦୮ : ଲୋକସଭାରେ କାଟ୍ ଖାଇଲା ଅନାସ୍ଥା ପ୍ରସ୍ତାବ । ବାଚନିକ ଭୋଟରେ କାଟ୍ ଖାଇଲା ଅନାସ୍ଥା ପ୍ରସ୍ତାବ । ମଣିପୁର ହିଂସା ନେଇ ବିରୋଧୀ ମୋଦୀ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ବିରୋଧୀଙ୍କ ପକ୍ଷରୁ ସାଂସଦ ଗୌରବ ଗୋଗୋଇ ଏହି ପ୍ରସ୍ତାବ ଲୋକସଭାରେ ଉପସ୍ଥାପନ କରିଥିଲେ । ମୋଦି ସରକାର କ୍ରମାଗତ ଦ୍ୱିତୀୟ ଥର ପାଇଁ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ମାତ ଦେଇଛନ୍ତି। ସଂସଦରେ ଆସ୍ଥା ରଖିବାକୁ ସକ୍ଷମ ହୋଇଛନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ବେଳେ ବିରୋଧୀ କକ୍ଷତ୍ୟାଗ କରିଥିଲେ। ବିରୋଧୀଙ୍କ ଅନୁପସ୍ଥିତରେ ହୋଇଥିବା ଭୋଟିଂରେ ମୋଦି ସରକାର ଅନାସ୍ଥା ବିରୋଧରେ ବିଜୟ ହାସଲ କରିଛନ୍ତି । ବିରୋଧୀ ମେଣ୍ଟ ଇଣ୍ଡିଆର ସାଂସଦମାନେ ଅନୁପସ୍ଥିତ ଥିବାରୁ ବାଚନିକ ବା ଭୟସ ଭୋଟ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବିଜେପି ନାତୃତ୍ୱାଧୀନ ଏନଡିଏର ସବୁ ସାଂସଦ ସାମିଲ ହୋଇଥିଲେ। ସେହିପରି ଏନଡିଏରେ ବିଧିବଦ୍ଧ ଭାବେ ସାମିଲ ହୋଇ ନଥିବା ବିଜେଡି, ୱାଇଏସ୍ଆର କଂଗ୍ରେସ, ବିଏସ୍‌ପି, ଅକାଳୀ ଦଳ, ସ୍ୱାଧୀନ ସାଂସଦ ସିମରନଜିତ ମାନ୍ ଓ ନବନୀତ ରାଣା ଉପସ୍ଥିତ ରହିଥିଲେ। ସେମାନଙ୍କ ଉପସ୍ଥିତରେ ଭୟସ ଭୋଟ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ହୋଇଥିଲା। ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପକ୍ଷ ରଖିଥିଲେ। ସେ ମଣିପୁର ଉପରେ କମ ଓ ବିରୋଧୀଙ୍କୁ ବେଶର ଟାର୍ଗେଟ କରିଥିଲେ। ସେ ନିଜ ଭାଷଣର ପ୍ରଥମ ଦେଢ଼ ଘଣ୍ଟାରୁ ଅଧିକ ସମୟ କେବଳ ବିରୋଧୀଙ୍କୁ ସମାଲୋଚନା କରିଥିଲେ। ଏହାକୁ ବିରୋଧ କରି ବିରୋଧୀ ମେଣ୍ଟ ଇଣ୍ଡିଆର ସାଂସଦମାନେ କକ୍ଷ ତ୍ୟାଗ କରିଥିଲେ। ଏହାପରେ ମୋଦି ମଣିପୁର ଉପରେ ମାତ୍ର କିଛି ମିନିଟ ପାଇଁ ମତ ରଖିଥିଲେ। ମଣିପୁରରେ ନୂଆ ସୂର୍ଯ୍ୟ ଉଦୟ ହେବ ବୋଲି ସେ ଦମ୍ଭୋକ୍ତି କରିଛନ୍ତି। ବୁଧବାର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ଦୀର୍ଘ ୨ ଘଣ୍ଟା କାଳ ଭାଷଣ ଦେଇଥିଲେ। ସେ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରିବା ସହ ମଣିପୁର ହିଂସା ପାଇଁ ହାଇକୋର୍ଟଙ୍କୁ ଦାୟୀ କରିଥିଲେ। ମଣିପୁରରେ ମେ’ ୩ରୁ ହିଂସା ଆରମ୍ଭ ହୋଇଛି। ଆଦିବାସୀ ଓ ଅଣ ଆଦିବାସୀଙ୍କ ସଂଘର୍ଷ ଯୋଗୁ ପୂରା ରାଜ୍ୟ ଜଳୁଛି। ତେବେ ପ୍ରଧାନମନ୍ତ୍ରୀ ଜୁଲାଇ ୨୦ରେ ମଣିପର ହିଂସା ସମ୍ପର୍କରେ ମାତ୍ର କିଛି ସେକେଣ୍ଡ ପାଇଁ ମୁହଁ ଖୋଲିଥିଲେ। ଏହାର ଦିନକ ପୂର୍ବରୁ ମଣିପୁରରେ ଦୁଇ ଜଣ ମହିଳାଙ୍କୁ ଉଲଗ୍ନ କରି ବିଚ୍ ରାସ୍ତାରେ ଚଲାଇ ଚଲାଇ ନେବାର ଭିଡିଓ ସାମ୍ନାକୁ ଆସିଥିଲା।

▶▶ପୃଷ୍ଠା ୭

## ରେଳ ଫାଟକ ଅତିକ୍ରମ ବେଳେ ଦୁର୍ଘଟଣା: ଆମ୍ବୁଲାନ୍ସକୁ ପିଟିଲା ତପସ୍ୱିନୀ ଏକ୍ସପ୍ରେସ୍




ରାୟଗଡା , ୧୦/୦୮ (ନି.ପ୍ର): ଆମ୍ବୁଲାନ୍ସକୁ ପିଟିଲା ତପସ୍ୱିନୀ ଏକ୍ସପ୍ରେସ୍ । ରାୟଗଡା ଜିଲ୍ଲା ବିଷମକଟକ ଥାନା ବୃନ୍ଦାବାଡି ନିକଟରେ ଘଟିଛି ଏଭଳି ଦୁର୍ଘଟଣା । ରେଳ ଫାଟକ ଅତିକ୍ରମ କରିବା ବେଳେ ଆମ୍ବୁଲାନ୍ସଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଆମ୍ବୁଲାନ୍ସଟି କ୍ଷତିଗ୍ରସ୍ତ ହୋଇଛି । ଘଟଣାସ୍ଥଳରୁ ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଛି। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ, ଦୁର୍ଘଟଣାର କାରଣ ଖୋଜୁଛି ରେଳବାଇ ସୂଚନାଯୋଗ୍ୟ ଯେ, ଆମ୍ବୁଲାନ୍ସଟି କଲ୍ୟାଣସିଂହପୁର ଠାରୁ ଜଣେ ରୋଗୀକୁ ନେଇ ବିଷମକଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଛାଡି ଫେରୁଥିବା ବେଳେ କଲ୍ୟାଣସିଂହପୁରକୁ ସଯୋଗ କରୁଥିବା ଏକ ଫାଟକବିହୀନ ରାସ୍ତା ଦେଇ ଯିବା ପାଇଁ ଆମ୍ବୁଲାନ୍ସ ଉଦ୍ୟମ କରିଥିଲା । ସେହି ରାସ୍ତା ଉପରେ ଥିବା ରେଳ ଧାରଣା ପାର ହୋଇଯିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତେବେ ଟ୍ରେନ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ ଦୁର୍ଘଟଣା ଏଡାଇ ଯାଇଛି । ସ୍ଥାନୀୟ ଲୋକମାନେ ପହଞ୍ଚି ଆମ୍ବୁଲାନ୍ସକୁ ରେଳ ଧାରଣାରୁ ବାହାର କରିବା ପରେ ଟ୍ରେନଟି ପୁଣି ଗନ୍ତବ୍ୟସ୍ଥଳ ଅଭିମୁଖେ ଛାଡିଥିଲା ।

## ଘର ଘର ବୁଲି ଡେଙ୍ଗୁ ମଶା ଖୋଜିବ ବିଏମ୍‌ସି: ମିଳିଲେ ପଡ଼ିବ ଫାଇନ୍



ଭୁବନେଶ୍ୱର, ୧୦/୦୮ (ନି.ପ୍ର): ଘର ଘର ବୁଲି ଡେଙ୍ଗୁ ମଶା ଖୋଜିବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ଯଦି ଘରେ ବା ଘର ଆଖପାଖରେ ଡେଙ୍ଗୁ ମଶା ବଂଶବୃଦ୍ଧି ପାଇଁ ପରିବେଶ ଥାଏ ଅଥବା ଡେଙ୍ଗୁ ମଶା ଦେଖିବାକୁ ମିଳେ ତେବେ ହଜାରେ ଟଙ୍କା ଫାଇନ କରିବ ବିଏମସି । ସେହିପରି ବ୍ୟବସାୟିକ ପ୍ରତିଷ୍ଠାନ, ଅଫିସ ଆଦି କୋଠାରେ ଡେଙ୍ଗୁ ମଶା ବଂଶବୃଦ୍ଧି ପାଇଁ ପରିବେଶ ଥାଏ ତାହାହେଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ କରିବ ବିଏମସି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ପରେ ବିଏମସି ଟିମ ଘର ଘର ଯାଞ୍ଚ କରିବ ବୋଲି ସୂଚନା ଦିଆଯାଇଛି।

▶▶ପୃଷ୍ଠା ୭

## ସୁରକ୍ଷିତ ଅଛି ତ ରତ୍ନଭଣ୍ଡାରର ଅଳଙ୍କାର ?

### ସତ୍ୟପାଠ ଓ ବିଧାନସଭା ତଥ୍ୟରେ ନାହିଁ ତାଳମେଳ !




ପୁରୀ, ୧୦/୦୮ (ନି.ପ୍ର): ଏହାଛଡ଼ା ୧୪ଟି ସୁନା ଓ ରୁପା ସାମଗ୍ରୀ ବିଭିନ୍ନ କାରଣରୁ ଓଜନ ହୋଇପାରିନଥିବା ଉଲ୍ଲେଖ କରିଥିଲେ ତତକାଳୀନ ଆଇନମନ୍ତ୍ରୀ । ୧୯୭୮ ମସିହାରେ ଭିତର ଓ ବାହାର ରତ୍ନଭଣ୍ଡାରରେ ଥିବା ସମସ୍ତ ସମାଗ୍ରୀର ତାଲିକା ଅନୁଯାୟୀ ଏହି ତଥ୍ୟ ବିଧାନସଭାକୁ ଦିଆଯାଇଥିଲା । ହାଇକୋର୍ଟରେ ସରକାର ଦେଇଥିବା ସତ୍ୟପାଠ ଅନୁଯାୟୀ ଶ୍ରୀମନ୍ଦିର ଭିତର, ବାହାର ଓ ଚଳନ୍ତି ରତ୍ନଭଣ୍ଡାରରେ ୧୪୯ କେଜି ୪୫୭ ଗ୍ରାମ ସୁନା ଅଳଙ୍କାର ଓ ୨୧୮ କେଜି ରୁପା ସାମଗ୍ରୀ ରହିଛି । ଉଭୟ ହିସାବକୁ ତୁଳନା କଲେ ଜଣାପଡୁଛି ପ୍ରାୟ ୪୦ କେଜି ରୁପା ଓ ୧୫୨ ଗ୍ରାମ ସୁନା କମିଯାଇଛି । ହାଇକୋର୍ଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ଓ ବିଧାନସଭାରେ ସରକାର ରଖିଥିବା ତଥ୍ୟ ମଧ୍ୟରେ ତାଳମେଳ ରହୁନାହିଁ । ଏହାକୁ ନେଇ ଘେରିଛନ୍ତି ବିରୋଧୀ । ବରିଷ୍ଠ ବିଜେପି ନେତା ସମୀର ମହାନ୍ତି କହିଛନ୍ତି, ଦୁଇଟି ତଥ୍ୟରେ ତାଳମେଳ ନରହିବା ଯୋଗୁଁ ସହ ସୃଷ୍ଟି ହୋଇଛି ଏବଂ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ବଢ଼ିବାରେ ଲାଗିଛି । ରତ୍ନଭଣ୍ଡାରକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଥିବାରୁ ତୁରନ୍ତ ରତ୍ନଭଣ୍ଡାର ଖୋଲିବାକୁ ଦାବି ଜୋରଧରିଛି। ୧୯୮୩-୮୪ ମସିହାରୁ ଶ୍ରରମନ୍ଦିର ପରିସରରେ ହୁଣ୍ଡି ପ୍ରତିଷ୍ଠା

▶▶ପୃଷ୍ଠା ୭

## ବାହାନଗାରେ ବଜ୍ରପାତ: ୨ ଚାଷୀ ମୃତ, ଜଣେ ଆହତ

ବାହାନଗା, ୧୦/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଦୁଇ ଗ୍ରାମରେ ଦୁଇ ଜଣଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଜଣେ ଓସଙ୍ଗ ଗ୍ରାମର ଉପେନ୍ଦ୍ର ମଳିକ(୫୬)। ଅନ୍ୟଜଣେ ବଳରାମପୁର ଗ୍ରାମର ମଙ୍ଗ ମଳିକ (୬୩)। ଦୁଇ ଜଣ ଯାକ ପୃଥକ ପୃଥକ ଭାବେ ଗୁରୁବାର ଅପରାହ୍ନରେ ନିଜ ନିଜ ଗ୍ରାମର ବିଲକୁ ଧାନ କାମ କରିବାକୁ ଯାଇ କାମ କରୁ ଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଦୁଇ ଜଣ ଯାକ ପଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଆସି ଥିବା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଗୋପାଳପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୃଥକ ପୃଥକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

▶▶ପୃଷ୍ଠା ୭

## କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଲୋକସଭାରୁ ନିଲମ୍ବିତ



ନୂଆଦିଲ୍ଲୀନୂଆଦିଲ୍ଲୀ,୧୦/୦୮ : କଂଗ୍ରେସ ସଂସଦୀୟ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ ଲୋକସଭାରୁ ନିଲମ୍ବିତ ହୋଇଛନ୍ତି। ସଂସଦର କାର୍ଯ୍ୟ ଚାଲିଥିବା ବେଳେ ସେ ବିଶୃଙ୍ଖଳା ଆଚରଣ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଷଣ ଦେବା ବେଳେ ସେ ଏଥିରେ ହସ୍ତକ୍ଷେପ କରିଥିଲେ। ଏଥିପାଇଁ ବିଜେପି ନେତା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗୋଟିଏ ସଂକଳ୍ପ ଆଣିଥିଲେ। ଏହାକୁ ସବୁ ସଦସ୍ୟ ସମର୍ଥନ କରିବାରୁ ଅଧୀର ରଞ୍ଜନ ଲୋକସଭାରୁ ନିଲମ୍ବିତ ହୋଇଛନ୍ତି। ସ୍ୱାଧିକାର କମିଟି ଏ ସମ୍ପର୍କରେ ରିପୋର୍ଟ ନ ଦେବା ଯାଏ ଅଧୀର ରଞ୍ଜନ ଚୌଧୁରୀ ଲୋକସଭାକୁ ଆସି ପାରିବେ ନାହିଁ।

▶▶ପୃଷ୍ଠା ୭

## ପିଶାଚ ବାପା: ପୁଅକୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କଲା

ନବରଙ୍ଗପୁର, ୧୦/୦୮ (ନି.ପ୍ର): ସମାଜର ସବୁ ଝଡ଼ଝଞ୍ଝାରୁ ନିଜ ପିଲାଙ୍କୁ ରକ୍ଷା କରିବା ନିମନ୍ତେ ସବୁବେଳେ ପାଚେରି ପରି ଛିଡ଼ା ହୋଇଥାଏ ବାପା। ହେଲେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ୟୁଭି-୧୨ ଖାଣ୍ଡା ଗାଁରେ ଦେଖିବାକୁ ମିଳିଛି ଭିନ୍ନ ଦୃଶ୍ୟ। ବାପା ନାମରେ କଳଙ୍କ ଜଣେ ବ୍ୟକ୍ତି ନିଜ ପୁଅକୁ ମଦ ନିଶାରେ ଆସି କୋଦାଳରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପରେ ଅଭିଯୁକ୍ତ ବାପା ବିପୁଲ ରାୟ ଥାନାରେ ଆତ୍ମସମର୍ପଣ କରିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ସମୀରନ ରାୟ। ଗତକାଲି ବିଳମ୍ବିତ ରାତିରେ ବିପୁଲ ମଦ ପିଇ ଘରକୁ ଫେରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ସମୀରନ ସହ ବିପୁଲଙ୍କର ବଚସା ହୋଇଥିଲା। ଏହି ବଚସା ଉଗ୍ରରୂପ ନେଇଥିଲା। ପରେ ବିପୁଲ ଉତ୍ ?କ୍ଷିପ୍ତ ହୋଇ ଏକ କୋଦାଳ ଆଣି ନିଜ ପୁଅ ହାଣି ହତ୍ୟା କରିଥିଲା। ଘଟଣାସ୍ଥଳରେ ସମୀରନଙ୍କର ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ପରେ ବାପା ବିପୁଲ ରାୟ ଉମରକୋଟ ଥାନାରେ ଆତ୍ମସମର୍ପଣ କରିଥିଲା। ତେବେ କେଉଁ କାରଣ ପାଇଁ ବିପୁଲ ନିଜ ପୁଅକୁ କୋଦାଳରେ ହାଣି ହତ୍ୟା କଲା ତାହା ଜଣାପଡ଼ି ନାହିଁ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣା ତଦନ୍ତ କରୁଛି। ଭେଣ୍ଡିଆ ପୁଅକୁ ହରାଇ ମା’ କାନ୍ଦିକାନ୍ଦି ଗଡ଼ିଯାଉଛି।



## ମଣିପୁରରୁ ଆସିଲା ଆଉ ଏକ ଛାତି ଥରାଇ ଦେବା ଭଳି ଗଣଦୁଷ୍କର୍ମ ଘଟଣା

ନୂଆଦିଲ୍ଲୀ,୧୦/୦୮ : ଆଦିବାସୀ ଓ ଅଣ ଆଦିବାସୀ ସଂଘର୍ଷକୁ ନେଇ ୩ ମାସ ହେଲା ଜଳୁଥିବା ମଣିପୁରରୁ ପୁଣି ଗୋଟିଏ ଛାତି ଥରାଇ ଦେବା ଭଳି ଘଟଣା ସାମ୍ନାକୁ ଆସିଛି । ମଣିପୁର ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରୁ ଥିବା ବେଳେ ଆଜି ରାଜ୍ୟରେ ଆଉ ଏକ ଭୟଙ୍କର ଗଣଦୁଷ୍କର୍ମ ଘଟଣା ସାର୍ବଜନୀନ ହୋଇଛି। ଏହି ଗଣଦୁଷ୍କର୍ମ ଘଟଣା ମେ’ ମାସରେ ଘଟିଥିବା ବେଳେ ପୀଡ଼ିତା ଜଣଙ୍କ ଏବେ ଗୋଟିଏ ରିଲିଫ କ୍ୟାମ୍ପରେ ରହିଛନ୍ତି। ସେ ନିକଟରେ ସାହାସ କରି ପୁଲିସ୍‌ରେ ଅଭିଯୋଗ କରିବାରୁ ପୂରା ଘଟଣା ଲୋକଲୋଚନକୁ ଆସିଛି। ଖାଲି ଏହି ମହିଳା ଜଣଙ୍କ ନୁହନ୍ତି, ମଣିପୁରରେ ନିର୍ଯାତନା ସହିଥିବା ଅନେକ ମହିଳା ଏବେ ସେମାନଙ୍କ ସହ ଘଟିଥିବା ଭୟଙ୍କର କାଣ୍ଡ ସମ୍ପର୍କରେ ପୁଲିସ୍‌କୁ ଜଣାଇବା ଆରମ୍ଭ କରିଛନ୍ତି। ଚୁରାଚାନ୍ଦପୁର ଜିଲ୍ଲାର ଜଣେ ୩୭ ବର୍ଷୀୟ ମହିଳା ତାଙ୍କ ସହ ଘଟିଥିବା ଘଟଣା ପୁଲିସ୍‌କୁ କହିଛନ୍ତି। ମେ’ ୩ ତାରିଖରେ ମହିଳା ଜଣଙ୍କ ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ସେ ତାଙ୍କର ଦୁଇ ପୁଅ, ଝିଆରୀ ଓ ଜା’ଙ୍କ ସହ ଘର ଛାଡ଼ି ଦୌଡ଼ିବା ଆରମ୍ଭ କରିଥିଲେ। ଏହି ସମୟରେ କିଛି ପୁରୁଷ ଲୋକ ତାଙ୍କୁ ଧରି ପକାଇଥିଲେ। ଏହାପରେ ତାଙ୍କୁ ନିର୍ଯାତନା ଦେଇ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଭୟଙ୍କର ଘଟଣା ପରେ ସେ ନୀରବ ରହିଥିଲେ। କିନ୍ତୁ ଅନ୍ୟ ମହିଳାମାନେ ସେମାନଙ୍କ ନିର୍ଯାତନା କଥା କହୁଥିବା ରିପୋର୍ଟ ପଢ଼ିବା ପରେ ସେ ମଧ୍ୟ ପୁଲିସ୍ ?ର ଦ୍ୱାରସ୍ଥ ହୋଇ ସବୁ କଥା କହିଛନ୍ତି। ପୀଡ଼ିତା ଜଣଙ୍କ କହିଛନ୍ତି, “ନିଜର ଓ ପରିବାରର ସମ୍ମାନ ପାଇଁ ମୁଁ ଏକଥା କାହାକୁ କହି ନଥିଲି। ସାମାଜିକ ବିଧିବ୍ୟବସ୍ଥା ଯୋଗୁ ଅଭିଯୋଗ ଦାଖଲରେ ବିଳମ୍ବ କରିଥିଲି। ସ୍ଥିତି ଏପରି ହୋଇଥିଲା ଯେ ମୁଁ ନିଜକୁ ନିଜେ ମାରି ଦେବାକୁ ମଧ ଚିନ୍ତା କରିଥିଲି।” ବିଷ୍ଣୁପୁର ପୁଲିସ୍ ଷ୍ଟେସନରେ ରୁଜୁ ଜିରୋ ଏଫଆଇଆରରେ ମହିଳା ଜଣଙ୍କ ଏକଥା କହିଛନ୍ତି। ବର୍ତ୍ତମାନ ସେ ଗୋଟିଏ ରିଲଫ କ୍ୟାମ୍ପରେ ରହିଛନ୍ତି। ପୁଲିସ୍ ତାଙ୍କ ଅଭିଯୋଗ ପାଇବା ପରେ ଆଇପିସିର ଧାରା ୩୭୬ଡି, ୩୫୪, ୧୨୦ବି ଓ ୩୪ ଦଫାରେ ମାମଲା କରିଛି। ଏଫଆଇଆରରେ କୁହାଯାଇଛି ଯେ ମେ’ ୩ ତାରିଖ ସନ୍ଧ୍ୟା ୬.୩୦ରେ ଦୁର୍ବୃତ୍ତମାନେ ଏହି ମହିଳା ଓ ତାଙ୍କ ପଡ଼ୋଶୀଙ୍କ

▶▶ପୃଷ୍ଠା ୭

## ଛାତ୍ରୀ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପଛରେ ଏମଏମଏସ ଲିଙ୍କ୍ !



ଭୁବନେଶ୍ୱର, ୧୦/୦୮ (ନି.ପ୍ର): ଛାତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ମୃତ୍ୟୁ କେମିତି ହେଲା ? ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ସାମ୍ନାକୁ ଆସିଛି ଶୁଭଲକ୍ଷ୍ମୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ। ଯେଉଁଥିରେ ସେ ଜଣେ ଯୁବକଙ୍କ ସହିତ ଥିବା ଦେଖିବାକୁ ମିଳିଛି। ତେବେ ଏଠି ପ୍ରଶ୍ନ ଉଠିଛି, ଭିଡିଓରେ ଥିବା ଯୁବକ କିଏ ? ତାଙ୍କ ନାଁ କଣ ? ଏହି ଭିଡିଓ ଶୁଟିଂ କଲା କିଏ ? ସେହି ଭିଡିଓ ଦେଖାଇ ଶୁଭଲକ୍ଷ୍ମୀଙ୍କୁ ବ୍ଲାକମେଲିଂ କରାଯାଉଥିଲା କି ? ଭିଡିଓ ସହିତ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁରେ କଣ ସମ୍ପର୍କ ରହିଛି ? ଶୁଭଲକ୍ଷ୍ମୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସାମ୍ନାକୁ ଆସିବା ପରେ ଏମିତି ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

▶▶ପୃଷ୍ଠା ୭

## ଆଶାକର୍ମୀ ସଂଘ ପକ୍ଷରୁ ୧୦ ଦଫା ଦାବିପତ୍ର

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଆଶାକର୍ମୀ ମାନଙ୍କର ସେକ୍ଟର ମିଟିଂରେ ପ୍ରାପ୍ୟ ସଂପର୍କରେ ସୂଚନା ପ୍ରଦାନ କରାଯାଇ ପ୍ରଥମ ସପ୍ତାହରେ ପାରିଶ୍ରମିକ ଦିଆଯିବା, ନିର୍ଦ୍ଦିଷ୍ଟ ଭତାରୁ ପଇସା କମାଇବା ବନ୍ଦ କରାଯିବା, ମୃତ୍ୟୁକାଳୀନ ସହାୟତା ୨୫ ଲକ୍ଷ ଟଙ୍କା ବୃଦ୍ଧି କରାଯିବା, ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ଭତା ପ୍ରଦାନ କରାଯିବା, ଦର ଦାମ୍ ବୃଦ୍ଧିକୁ ତୁରନ୍ତ କମାଯିବା ସହିତ ସମସ୍ତ ଆଶାକର୍ମୀମାନଙ୍କୁ ମୋବାଇଲ ସେଟ୍ ପ୍ରଦାନ କରାଯିବା, ୪ଟି ଶ୍ରମ କୋଡକୁ ବାତିଲ କରି ଶ୍ରମ ଆଇନ ଲାଗୁ କରାଯିବା ଆଦି ୧୦ ଦଫା ଦାବିଗୁଡିକ ରହିଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର(ରାଜସ୍ୱ)ଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସଂପାଦକ କାନ୍ତିପ୍ରଭା ନାୟକ, ରମଣି ରଞ୍ଜନ ରାଉତରାୟ, ଭଜହରି ପ୍ରଧାନ, ଅକ୍ଷୟ କୁମାର ମଲିକ, ରେବତୀ ନାୟକ, ମଞ୍ଜୁଲତା ବେହେରା, ହଜିମୁନ ବିବି, ସଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମଣ୍ଡଳସ୍ତରୀୟ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ସମୀକ୍ଷା ବୈଠକ

କେନ୍ଦୁଝର , ୧୦/୦୭ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କେନ୍ଦୁଝର ମଣ୍ଡଳ ସ୍ତରୀୟ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ୨୦୨୩ ର ସମୀକ୍ଷା ବୈଠକ କେନ୍ଦୁଝର ଶିକ୍ଷାମଣ୍ଡଳାଧୀଶ ଶ୍ରୀମତୀ ସର୍ଚ୍ଚିତା ବେହେରାଙ୍କ ସଭାପତିତ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ ନରଶପୁର ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦୁଝର ମଣ୍ଡଳ ଅଧୀନସ୍ଥ ୧୦ଗୋଟି ଜିଲ୍ଲାରୁ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ୫୪ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଏଥିରେ କେନ୍ଦୁଝର ଶିକ୍ଷା ମଣ୍ଡଳାଧୀଶ ସର୍ଚ୍ଚିତା ବେହେରାଙ୍କ ସମେତ କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ,କେନ୍ଦୁଝର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ,ଚମ୍ପୁଆ ଆଇଟିଡିଏ ତରଫରୁ ଏଡିଡବ୍ଲୁଓ ପ୍ରଦୀପ କୁମାର ନାଏକ, କେନ୍ଦୁଝର ଆଇଟିଡିଏର ସ୍ୱତନ୍ତ୍ର ଅଧିକାରୀ ବୁଦ୍ଧଦେବ ପଣ୍ଡା, କେନ୍ଦୁଝର ଏଡିଡବ୍ଲୁଓ ଜୟନ୍ତ କୁମାର ସାମନ୍ତସିଂହାର, ଅନୁଗୁଳ ଜିଲ୍ଲା ନୀରିକ୍ଷକା ଶ୍ରୀମତୀ ନମିତା ଦାଶ ଓ କେନ୍ଦୁଝର ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳ ଉପସ୍ଥିତ ରହି ଗତ ୨୦୨୩ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟର ଫଳାଫଳ ସମୀକ୍ଷା କରିଥିଲେ । ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହିତ କରି, ଶିକ୍ଷାର୍ଥୀ ମାନଙ୍କୁ ସ୍ୱତନ୍ତ୍ର କୋଚିଂ କ୍ଲାସ,ପ୍ରତିକାରମୂଳକ ଶିକ୍ଷାଦାନ ବ୍ୟବସ୍ଥା,ଏକକ-ପରୀକ୍ଷା,ଶିକ୍ଷକ ମାନଙ୍କ ସହ ପ୍ରତି ମୂଲ୍ୟାୟନ ପରେ ସମୀକ୍ଷା ବୈଠକ,ଶ୍ରେଣୀ ଶିକ୍ଷାଦାନ ସମୟରେ ନିୟମିତ ପରିଦର୍ଶନ, ଶିକ୍ଷାଦାନ ଶୈଳୀର ପରିବର୍ତ୍ତନ, ଶିକ୍ଷାକ ମାନଙ୍କ ଠାରୁ ସହଯୋଗ ନେଇ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ ଅଗ୍ରଗତି କରି ଆସନ୍ତା ୨୦୨୪ ମ୍ୟାଟ୍ରିକ୍ ପରୀକ୍ଷାରେ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଫଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ଶିକ୍ଷାର୍ଥୀ ମାନଙ୍କୁ ପ୍ରଶଂସା ପ୍ରଦାନ କରି ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରି ପ୍ରଶ୍ନ ବ୍ୟାଙ୍କ ତିଆରିରେ ସେମାନଙ୍କୁ ଅଂଶଗ୍ରହଣ କରାଇବା ସହ ସମ ବୟସ୍କ ସାଥୀ ମାନଙ୍କ ଦ୍ୱାରା ଶିକ୍ଷାଦାନ ଓ ସନ୍ଦେହ ମୋଚନ କରାଇ ପାରିଲେ ଶିକ୍ଷାର୍ଥୀମାନେ ଅଧିକ ପାଠ୍ୟ ବିଷୟବସ୍ତୁ ସହ ସଂଶ୍ଳିଷ୍ଟ ହେବା ସହ ସେମାନଙ୍କର ସ୍ୱଶିକ୍ଷଣ ବୃଦ୍ଧି ପାଇବ ଓ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିପାରିବେ ବୋଲି କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ ପ୍ରକାଶ କରିଥିଲେ । କେନ୍ଦୁଝର ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳଙ୍କ ମତାନୁସାରେ ଶିକ୍ଷାର୍ଥୀ ମାନଙ୍କର ସିଲାବସ ଠାରୁ ଆହୁରି ଶୀଘ୍ର ସିଲାବସ ଶେଷ କରି ତାର ପୁନରାବୃତି ରିଭିଜନ କରିବା, ପରୀକ୍ଷା ଫଳ ସମୀକ୍ଷାରେ ଅଭିଭାବକ ମାନଙ୍କୁ ସାମିଲ କରିବା, ପ୍ରତି ଏକକ ପରୀକ୍ଷାରେ ଉଭୟ ଦୀର୍ଘ ଓ ବସ୍ତୁନିଷ୍ଠ ପ୍ରଶ୍ନ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । କେନ୍ଦୁଝର ଆଇଟିଡିଏର ସ୍ୱତନ୍ତ୍ର ଅଧିକାରୀ ବୃଦ୍ଧଦେବ ପଣ୍ଡା ଓ ଚମ୍ପୁଆ ଆଇଟିଡିଏର ଏଡିଡବ୍ଲ୍ୟୁଓ ପ୍ରଦୀପ କୁମାର ନାଏକ ବିଦ୍ୟାଳୟରେ ଏକତାରକ୍ଷା କରି ଶିକ୍ଷାର୍ଥୀ ମାନଙ୍କର ସାମୁହିକ ପ୍ରଗତି ପାଇଁ ଚେଷ୍ଟା କରିବାକୁ ମତ ଦେଇଥିଲେ । ଅନୁଗୁଳ ଶିକ୍ଷା ଜିଲ୍ଲା ନୀରିକ୍ଷିକା ନମିତା ଦାଶ ଦଳଗତ ମନ ନେଇ ସଭିଏଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରଦାନ କରିଥିଲେ । କେନ୍ଦୁଝର ଏଡିଡବ୍ଲ୍ୟୁଓ ସାମନ୍ତ ସିଂହାର ଶିକ୍ଷାର୍ଥୀ ମାନଙ୍କୁ କଳାପଟା ପାଖକୁ ଡାକି ପ୍ରଶ୍ନ ସମାଧାନ କରିବାର ସୁଯୋଗ ପ୍ରଦାନ କରିବା,ଦୁର୍ବଳ ଶିକ୍ଷାର୍ଥୀଙ୍କୁ ମଧ ସ୍ୱତନ୍ତ୍ର ସ୍ଥାନ ଦେବାକୁ ପରାମର୍ଶ ଦେଇଥିଲେ । କେନ୍ଦୁଝର ଜିଲ୍ଲା ଶିକ୍ଷକ ପ୍ରତିନିଧି କାଦକଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ ଦୁର୍ବଳ ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରି କାର୍ଯ୍ୟ ପନ୍ଥା ସ୍ଥିର କରି ଶିକ୍ଷାଦାନ ଦେବା, ଛାତ୍ରାବାସରେ ପଢା ସମୟ ସ୍ଥିର କରି ତାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରାଇବା, ଶିକ୍ଷାଦାନ ସମୟରେ କଳାପଟାରେ ଶିକ୍ଷାର୍ଥୀଙ୍କ ପାଇଁ ଲେଖି ଦେଲେ ଶିକ୍ଷାର୍ଥୀମାନେ ଉପକୃତ ହେବେ ବୋଲି ମତ ରଖିଥିଲେ । ସମୀକ୍ଷା ବୈଠକଟି କେନ୍ଦୁଝର ଜିଲ୍ଲାର କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ,ଭଗାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ପରିଚାଳନା କରିଥିଲେ । ବୈଠକରେ ଗତ ୨୦୨୩ ବାର୍ଷିକ ପରୀକ୍ଷାରେ ଶତପ୍ରତିଶତ ଫଳ ପ୍ରଦାନ କରିଥିବା କେନ୍ଦୁଝର ମଣ୍ଡଳର ୪୩ଟି ବିଦ୍ୟାଳୟକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏକ ସପ୍ତାହ ମଧରେ ଆସନ୍ତା ୨୦୨୪ ବାର୍ଷିକ ମ୍ୟାଟ୍ରିକ ପରୀକ୍ଷା ପାଇଁ କାର୍ଯ୍ୟ ପନ୍ଥାର ଏକ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରି ଉଭୟ ମଣ୍ଡଳଶିକ୍ଷାଧୀଶ ଓ ଜିଲ୍ଲା ଶିକ୍ଷା ନୀରିକ୍ଷକଙ୍କ ନିକଟକୁ ପ୍ରେରଣ କରିବାକୁ ସୂଚନା ଦିଆଯାଇଥିଲା ।

# କ୍ରାନ୍ତି ଦିବସ ଅବସରରେ ଶ୍ରମିକଙ୍କ ବିକ୍ଷୋଭ

ବଲାଙ୍ଗିର, ୧୦/୦୭ (ନି.ପ୍ର): ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଡାକରାରେ ବଲାଙ୍ଗିର ରେ ମଧ ଏଆଇଟିୟୁସି ନେତୃତ୍ୱରେ କ୍ରାନ୍ତୀ ଦିବସ ପାଳନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ବିରୁଦ୍ଧରେ ହଜାର ହଜାର ଶ୍ରମିକ କୋସଳ କଳାମଣ୍ଡପ ଠାରୁ ଏଆଇଟିୟୁସି ଜିଲ୍ଲା ସଭାପତି ବିଭୁଦତ୍ତ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ତିର୍ଥ ପ୍ରଧାନଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ବିଭିନ୍ନ ସଂଗଠନ ଯଥା ନିଖିଳ ଓଡିଶା ଆଶା କର୍ମୀ ସଂଘ, ଓଡିଶା ଫରେଷ୍ଟଉଡ୍ ଏଗ୍ରିକଲଚର ଏଣ୍ଡ ବିଲଡିଂ କନଷ୍ଟ୍ରକସନ୍ ଓ୍ୱାର୍କସ ୟୁନିୟନ, ନିଖିଳ ଓଡିଶା ମଧାହ୍ନ ଭୋଜନ ପାଚିକା ସହାୟିକା ସଂଘ, କୃଷକ ସଂଘର୍ଷ ସମିତି ଇତ୍ୟାଦି ଯୋଗ ଦେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଗର୍ଜିଥିଲେ । ସଭାପତି ବିଭୁଦତ୍ତ ମିଶ୍ର ବର୍ତ୍ତମାନ ଶ୍ରମିକ ସମାଜ ଉପରେ ହେଉଥିବା ପ୍ରଚଣ୍ଡ ଆକ୍ରମଣ ବିରୁଦ୍ଧରେ ପୁଣି ଏକ କ୍ରାନ୍ତୀର ସମୟ ଆସିଛି କହି ସବୁ ବର୍ଗର ଶ୍ରମିକ ଏକ ହୋଇ ଏହି ବିପଦକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ । ନିଖିଳ ଓଡିଶା ଆଶା କର୍ମୀ ସଂଘର ଜିଲ୍ଲା ସଭାପତି ତିର୍ଥ ପ୍ରଧାନ ବିଭିନ୍ନ ଦାବି ସଂପର୍କରେ ଆଲୋଚନା କରି କେବଳ ଆନ୍ଦୋଳନ ମାଧମରେ ହିଁ ଏହା ସମ୍ଭବ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୪ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଦାନ ଜମି ଜବର ଦଖଲ ଅଭିଯୋଗ ପରେ ମଧ ପ୍ରଶାସନ ନିରବ: ୭ ତାରିଖ ଗଣ ଧାରଣା ନିଷ୍ପତି

ଜୟପୁର, ୧୦/୦୭ (ନି.ପ୍ର): ଦାନ ଜମି ଜବର ଦଖଲ ହୋଇଥିବା ନେଇ ବାରମ୍ବାର ଜୟପୁର ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କିନ୍ତୁ ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରିନାହିଁ । ତେଣୁ ପ୍ରଶାସନ ଉକ୍ତ ବିଷୟ କୁ ଗୁରୁତର ସହ ନେଇ ମୁଗୁଡା ସୁରିୟା ନାରାୟଣାଙ୍କ ଜମି ବ୍ୟତୀତ ସେ ଦାନ ସୁତ୍ରରେ ଦେଇଥିବା ଜମିକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦ କ୍ଷେପ ନିଆଯାଉ ନଚେତ ମୁଗୁଡା ସୁରୁନାରାୟଣଙ୍କ ସହ ସମାଜସେବି ବି ହରି ରାଓ ଓ ଦାନ ସୁତ୍ରେ ପାଇଥିବା ସମସ୍ତ ପଟ୍ଟାଧାରୀ ବ୍ୟକ୍ତି ଆସନ୍ତା ୧୭ ତାରିଖରେ ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ଗଣ ଧାରଣା ଦିଆଯିବ ବୋଲି ଆଜି ପୁଣି ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ପ୍ରସାଦରାଓ ପେଟାର ମୁଗୁଡା ସୁରିୟାନାରାୟଣା ତାଙ୍କର ଜଗନ୍ନାଥପୁର ମୌଜାରେଥିବା ୨.୩୦ ଏକର ଜମିକୁ ଗିରବ ଲୋକଙ୍କୁ ବଂଟନ କରିଥିଲେ । କେତେକ ଜମିକୁ ଆସାମାଜିକ ଲୋକ ମାନେ ଜବର ଦଖଲ କରି ରଖିଛନ୍ତି । ଯଦ୍ୱାରା କି ଯେଉଁ ଲାକଙ୍କୁ ଦାନ କରାଯାଇଛି ଉକ୍ତ ଲୋକମାନେ ନିଜ ନିଜ କୁଡ଼ିଆ କିମ୍ବା ଗୃହ ଖଣ୍ଡିଏ ନିର୍ମାଣ କରିବାକୁ ଚାହିବା ସମୟରେ ଉକ୍ତ ଅସାମାଜିକ ବ୍ୟକ୍ତି ମାନେ ଧମକ ଚମକ ଦେଉଥିବା ଉଲ୍ଲେଖ କରାଯାଇଛି । ସମାଜସେବି ବି ହରି ରାଓଙ୍କ ନେତୃତ୍ୱରେ ମୁଗୁଡା ସୁରୁନାରାୟଣ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ତେଣୁ ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ।

# ରେକର୍ଡ ପାଇଁ ହନ୍ତସନ୍ତ ଜମି ମାଲିକ: ସ୍ଥାନାନ୍ତର ହେଉନି ଚକବନ୍ଦୀ, ବନ୍ଦୋବସ୍ତ କାର୍ଯ୍ୟାଳୟ



ପୁରୀ, ୧୦/୦୭ (ନି.ପ୍ର): ଜମିର ପୁରୁଣା ସାବକ ରେକର୍ଡ ଓ ନୂଆ ହାଲ୍ ପାଇଁ ଦହଗଞ୍ଜ ହେଉଛନ୍ତି ଜମି ମାଲିକ । ରେକର୍ଡ ପାଇଁ ଜମି ମାଲିକମାନେ ଓକିଲମାନଙ୍କ ସହଯୋଗ ନେଉଛନ୍ତି । ମାତ୍ର ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟାଳୟ ବାର ଆସୋସିଏସନ୍ ?ଠାରୁ ଦୂରରେ ଥିବାରୁ ରେକର୍ଡ ପାଇଁ ଆଇନଜୀବୀମାନେ ଯାଇ ପାରୁନାହାନ୍ତି । ରାସ୍ତା ନିମ୍ନମାନର ହୋଇଥିବା ବେଳେ ବର୍ଷା ଋତୁ ଆସିଲେ କାର୍ଯ୍ୟାଳୟକୁ ପାଣି ଘେରି ରହୁଥିବାରୁ ଓକିଲ ଓ ପକ୍ଷକାରମାନେ ସେଠାକୁ ଯିବା ଅସମ୍ଭବ ହୋଇପଡୁଛି । ଏନେଇ ପୁରୀ ବାର ଆସୋସିଏସନ ପକ୍ଷରୁ ବାରମ୍ବାର ଜିଲ୍ଲା ମାଜିଷ୍ଟ୍ରେଟ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଗଲାଣି । ଦାବି କରିବାର ମାସେ ମଧରେ ସମସ୍ୟାର ସମାଧାନ ହେବ ବୋଲି କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି, ମାତ୍ର ସ୍ଥିତି ଯଥା ପୂର୍ବ ତଥା ପର । ସଂପ୍ରତି ଚକବନ୍ଦୀ କାର୍ଯ୍ୟାଳୟ ଭାରତୀପୁରସ୍ଥିତ ପତିତପାବନ ନଗରରେ ରହିଛି । ଚକବନ୍ଦୀ କାର୍ଯ୍ୟାଳୟରେ ନୂଆକରି କାମ ପଡ଼ିଲେ ଲୋକେ ଏହି କାର୍ଯ୍ୟାଳୟ ଖୋଜି ପାଇବା ଦୁରୂହ ବ୍ୟାପାର ପାଲଟୁଛି । ସଂପ୍ରତି ଜିଲ୍ଲା କୋର୍ଟଠାରୁ ଏହା ୫ କି.ମି ଦୂରରେ ରହିଥିବାରୁ ପୁରୀ ବାର ଆସୋସିଏସନଠାରୁ ଚକବନ୍ଦୀ କାର୍ଯ୍ୟାଳୟକୁ ଯାଇ ପକ୍ଷକାରମାନଙ୍କୁ ନ୍ୟାୟ ଦେବା ପ୍ରକ୍ରିୟା ତ୍ୱରିତ ହେଇପାରୁନାହିଁ । ଯଦି ସମୟ ବଳୁଛି ଆଇନଜୀବୀମାନେ ଯାଉଛନ୍ତି, ନଚେତ ଏତେବାଟ ଯିବା ପାଇଁ ଅନେକ ଆଇନଜୀବୀ ରାଜି ହେଉନାହାନ୍ତି । ସେହିଭଳି ମେରାଇନ ଡ୍ରାଇଭ ରୋଡସ୍ଥିତ ବାଲିଗୁଆଳି ନିକଟରେ ବନ୍ଦୋବସ୍ତ କାର୍ଯ୍ୟାଳୟ ରହିଛି । ଏହା ମଧ ପୁରୀ ବାର ଆସୋସିଏସନଠାରୁ ପ୍ରାୟ ୭କିମି ଦୂରରେ ରହୁଥିବାରୁ ସେଠାରେ କାମ ପଡ଼ିଲେ ପକ୍ଷକାରମାନେ କାମ ହାସଲ କରିବା କାଠିକର ହେଉଛି । ଏନେଇ ପୁରୀ ବାର ଆସୋସିଏସନର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି, ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟାଳୟ ଦୂରତା ଓ ଅନ୍ୟ ସମସ୍ୟା ପାଇଁ ଉଭୟ ପକ୍ଷକାର ଓ ଓକିଲମାନେ ସମସ୍ୟା ଭୋଗୁଛନ୍ତି । ବାର ଆସୋସିଏସନ ଠାରୁ ପକ୍ଷକାର ଓ ଓକିଲମାନେ ଯିବାରେ ସମସ୍ୟା ଉପୁଜୁଛି । ପୁଣି ଯେତେବେଳେ ଚକବନ୍ଦୀ କାର୍ଯ୍ୟାଳୟକୁ ଗଲେ ସେଠାରେ ଅଧିକାରୀମାନଙ୍କ ଦେଖା ମିଳୁନାହିଁ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ କେତେକ ଖାଲି ଘର ରହିଛି । ତଥାପି ଉକ୍ତ ଅପନ୍ତରା ସ୍ଥାନରୁ ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଉନାହିଁ । ଏନେଇ ବହୁବାର ପୁରୀ ବାସ୍ ଆସୋସିଏସନ ତରଫରୁ ଉଭୟ କାର୍ଯ୍ୟାଳୟକୁ କଲେକ୍ଟରେଟ୍ ପରିସରକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି । ଜିଲ୍ଲାପାଳ ପ୍ରତିଶ୍ରୁତି ମଧ ଦେଉଛନ୍ତି । କିନ୍ତୁ ପାଳନ କରାଯାଉନାହିଁ ।

# ଗଞ୍ଜାମରେ ଉଜୁଡ଼ିବାକୁ ବସିଲାଣି ଚାଷ: ବର୍ଷାକୁ ଅନେଇ ରହିଛି ଚାଷୀକୁଳ, ୫୬ହଜାର ହେକ୍ଟର ଜମି ବୀମାଭୁକ୍ତ



ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲାରେ ପାଣିର ଅଭାବ ଯୋଗୁଁ ଧୀରେ ଧୀରେ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି । ବର୍ଷା ଅଭାବରୁ ଚାଷ ଜମି ଶୁଖିଲା ପଡ଼ିଛି । ଏଭଳି ସ୍ଥିତି ଜାରି ରହିଲେ ଫସଲ ଉଜୁଡ଼ିଯିବ । ଏହାକୁ ନେଇ ଚାଷୀ ମହଲରେ ଭାଲେଣି ପଡ଼ିଛି । ସେପଟେ ଗଞ୍ଜାମ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିଓ୍ୱାଇ)ରେ ମାତ୍ର ୫୬ହଜାର ହେକ୍ଟର ଚାଷ ଜମି ବୀମାଭୁକ୍ତ ହୋଇଛି । ବହୁ ଚାଷ ଜମି ବୀମାଭୁକ୍ତ ହୋଇ ନାହିଁ । ଯଦି ଫସଲ ନଷ୍ଟ ହୁଏ, ତେବେ ଚାଷୀଙ୍କୁ ବଡ଼ଧରଣର କ୍ଷତି ସହିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି । ଗଞ୍ଜାମ ଜିଲ୍ଲାରେ ଚାଷକାର୍ଯ୍ୟ ପାଇଁ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଚାଷ ପାଇଁ ବର୍ଷାରୁ ପ୍ରାୟ ୬୦ ପ୍ରତିଶତ ପାଣି ଭରଣା ହୋଇଥାଏ । ଚଳିତ ବର୍ଷ ବର୍ଷା ଅଭାବରୁ ଜିଲ୍ଲାରେ ବିଳମ୍ବରେ ଖରିଫ୍ ଚାଷ ଆରମ୍ଭ ହୋଇଛି । ଜୁନ୍ ମାସରେ ଜିଲ୍ଲାରେ ହାରାହାରି ୧୬୮.୩ ମିମି ବର୍ଷା ହୋଇଥାଏ । କିନ୍ତୁ ଚଳିତ ବର୍ଷ ମାତ୍ର ୭୯.୫୦ ମିମି ବର୍ଷା ରେକର୍ଡ୍ କରାଯାଇଥିଲା । ଜୁଲାଇ ମାସରେ ମଧ ବର୍ଷାର ପରିମାଣ କମିଛି । ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାରେ ହାରାହାରି ୨୨୦.୮ ମିମି ବର୍ଷା ହୋଇଥାଏ । କିନ୍ତୁ ଗତ ଜୁଲାଇ ମାସରେ ୧୯୧.୩୩ ମିମି ବର୍ଷା ରେକର୍ଡ଼ କରାଯାଇଛି । ପାଣି ଅଭାବ ଯୋଗୁଁ ଚାଷୀ ନିରାଶ ହୋଇ ରହିଛନ୍ତି । ଏଣୁ ଜିଲ୍ଲାରେ ଅଚଳ ହୋଇ ପଡ଼ିଥିବା ସମସ୍ତ ସରକାରୀ ଓ ଘରୋଇ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାଣି ଯୋଗାଣ କରିବାକୁ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି । ସେପଟେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲ ନଷ୍ଟ ହେଲେ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଧାମନ୍ତ୍ରୀ ଫସଲ ବୀମା ଯୋଜନା କରାଯାଇଛି । କ୍ଷୁଦ୍ର ଓ ମଧମଧରଣ ଚାଷୀ ଏହି ବୀମା ସୁବିଧା ନେଇ ପାରିବେ । ଗତ ୫ତାରିଖରେ ବୀମା କରାଇବାର ଶେଷ ତାରିଖ ରହିଥିଲା । ତେବେ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଆସିକା ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ପ୍ରାୟ ୧ଲକ୍ଷ ୩୧ହଜାର ଚାଷୀଙ୍କ ଫସଲ ବୀମା କରାଯାଇଛି । ଗତ ୫ତାରିଖ ସୁଦ୍ଧା ବ୍ରହ୍ମପୁର ସମବାୟ ବ୍ୟାଙ୍କ ଅଧୀନରେ ଋଣ ନେଇଥିବା ୫୨ହଜାର ୫୧ଜଣ ଚାଷୀଙ୍କ ୨୫ହଜାର ୭୪୪ ହେକ୍ଟର ଜମି ବୀମାଭୁକ୍ତ ହୋଇ ସାରିଛି ।

# ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କର୍ମଶାଳା

ମାଲକାନଗିରି, ୧୦/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କାର୍ଯ୍ୟାଳୟରେ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ସଂଗଠନ ପକ୍ଷରୁ କରାଯାଇଥିବା ଯୋଜନା ଓ ଲକ୍ଷ୍ୟ ବାବଦରେ ଆଲୋଚନା ହୋଇଥିଲା । ପଡିଆ ଓ କାଲିମେଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଦୁର୍ଗମ ଗ୍ରାମ ଗୁଡିକରେ ପିଅର ଲିଡର ପ୍ରକ୍ରିୟାରେ ଗର୍ଭବତୀ, ପ୍ରସୂତୀ, ଅଭିଭାବକ ଦମ୍ପତି ଓ କିଶୋର ସ୍ୱାସ୍ଥ୍ୟର ଉନ୍ନତି କରିବା ନେଇ ସଂଗଠନ ପକ୍ଷରୁ ଅଭିନବ ଉପାୟରେ ତାଲିମ ପ୍ରଦାନ କରାଯିବା ସହ ବିଭିନ୍ନ ପୁସ୍ତିକା ବଣ୍ଟନ କରାଯିବ । ଏହି ଅବସରରେ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ''ଅ ଆ କାରେ ଆ'' ନାମକ କମିକ୍ସ ବହିର ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଳା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, କାଲିମେଳା ସମନ୍ୱିତ ଶିଶୁ ବିକାଶ ଅଧୀକାରିଣୀ ଅନ୍ନପୂର୍ଣ୍ଣା ବୁରୁଦା, ଆଇଟିସିର କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା ବୁରହାଜ, ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନର ରାଜ୍ୟ ମୁଖ୍ୟ ଡଃ ମୁକେଶ ସାହୁ, କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇ, ପଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଓଡିଶା ଜିବିକା ମିଶନ ପଡିଆ ବ୍ଲକର ପ୍ରକଳ୍ପ ପରିଚାଳକ ଅନୁପ କୁମାର ମିଶ୍ର, ଶିଶୁ ବିକାଶ ବିଭାଗର ତାଣ୍ଡବାଈ ପଞ୍ଚାୟତ ସୁପରଭାଇଜର ସରୋଜିନୀ ସାହୁ, ଶିମିଳିବାଞ୍ଚା ପଞ୍ଚାୟତ ସୁପରଭାଇଜର ଜନ ମେରୀ ଲକ୍ଷ୍ମି ଓ କାଲିମେଳା ଯୁକ୍ତ ୨ କଲେଜ ଅଧକ୍ଷ ହିମାଂଶୁ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମମତା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଗଠନର ଜିଲ୍ଲା ମୁଖ୍ୟ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଝିଲି ସିଲ୍, ନୟାମୀ ଖରା, ରାଜେଶ କୁମାର ଓଝା, ପୂଜା ଚକ୍ରବର୍ତ୍ତୀ ଓ ଗୋବିନ୍ଦ ସର୍ଦାର ପ୍ରମୁଖ ସହଯୋଗ କରିଥିଲେ ।

## କୁସୁମପୁଟ ଜଙ୍ଗଲରେ ଅବକାରି ଚଢାଉ

ଜୟପୁର, ୦୯ ଅଗଷ୍ଟ (ହି.ସ.) - ଦେଶି ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟ ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରି ଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୬ ଶହ ଲିଟର ପୋଚ ଓ ୭୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ପାଳନ ହେବ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

କେନ୍ଦୁଝର, ୦୯ ଅଗଷ୍ଟ (ହି.ସ)- ପ୍ରଥମ ଥର ପାଇଁ ଚଳିତ ବର୍ଷ ଆଗାମୀ ୧୫ ତାରିଖ ମଙ୍ଗଳବାର ଦିନ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ୭୭ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହେବାକୁ ଯାଉଥିବା କଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅଗଷ୍ଟ ୧୫ ତାରିଖ ସକାଳ ଘ୯.୧୫ମି ସମୟରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହିତ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ସହ ଉଦ୍‌ବୋଧନ ଦେବେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା / ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନକୁ ପୁରସ୍କୃତ / ସଂବର୍ଦ୍ଧିତ କରାଯିବ । ଉଲ୍ଲେଖଯୋଗ୍ୟ ଯେ ଚଳିତ ମାସ ୧୧ ତାରିଖ , ୧୨ ତାରିଖ ଓ ୧୩ ତାରିଖ ଦିନମାନଙ୍କରେ ସକାଳ ୮ ଘଟିକା ସମୟରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ପ୍ୟାରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ । ଆଗାମୀ ୧୫ ତାରିଖ ଅପରାହ୍ନ ୩ ଘଟିକା ସମୟରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଅପରାହ୍ନ ୪ ଘଟିକା ସମୟରେ ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝରଠାରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୬ ଘଟିକା ସମୟରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ଜିଲ୍ଲା ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୫ ତାରିଖ ପ୍ରତ୍ୟୁଷରେ ସହରରେ ରାମଧୂନ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରୀ, ସକାଳ ୭ ଘଟିକାରୁ ଘ ୭.୩୦ ମିନିଟ୍ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୪୫ମିନିଟ୍ ସମୟରେ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବାକୁ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ଜିଲ୍ଲାବାସୀ ଜାତୀୟ ଭାବନା ଓ ବିପୁଳ ଆନନ୍ଦ ଉଲ୍ଲାସର ସହିତ ସ୍ୱାଧୀନତା ଦିବସ ପାଳନ କରିବା ସହିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହର ସଫଳତା ପାଇଁ ଜିଲ୍ଲାପାଳ ଆଶିଷ ଠାକରେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି ।

# କରିଲୋପାଟଣା କଲେଜରେ ଅନ୍ୟାୟ ଭାବେ କର୍ମଚାରୀଙ୍କୁ ବହିଷ୍କାର ଅଭିଯାଗ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କରିଲୋପାଟଣା ମହା ବିଦ୍ୟାଳୟରେ ୨୫.୧୧.୨୦୨୨ରୁ କାର୍ଯ୍ୟକରି ଆସୁଥିବା କେତେକ କର୍ମଚାରୀଙ୍କୁ ଅଧକ୍ଷ ଅନ୍ୟାୟ ଭାବେ କାର୍ଯ୍ୟରୁ ଅନ୍ତର କରିଥିବା ଅଭିଯୋଗ ହୋଇଛି । ଉପଯୁକ୍ତ ଚୟନ ପ୍ରକ୍ରିୟା ମଧମରେ ତତ୍‌କାଳୀନ ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ପାଇଥିବା ଏହି କର୍ମଚାରୀମାନଙ୍କୁ କୌଣସି କାରଣ ନ ଦର୍ଶାଇ ବର୍ତମାନର ଭାରପ୍ରାପ୍ତ ଅଧକ୍ଷ ଛଟେଇ କରିଥିବାରୁ ଏହି କର୍ମଚାରୀମାନେ ଆଜି ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପରିଚାଳନା ସମିତିର ସଭାପତି ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ନ୍ୟାୟ ପାଇବା ପାଇଁ ଦାବି କରିଛନ୍ତି । ଉପ ଜିଲ୍ଲାପାଳ ଶ୍ରୀ ବେହେରା ଦାବିପତ୍ର ପାଇ ପୁନବିଚାର ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଆଶିଷ କୁମାର ରାଉତରାୟ, ମହାବୀର ପ୍ରସାଦ ମହାନ୍ତି, ଗୌରିପ୍ରିୟା ଗୋଛାୟତ, ସ୍ୱସ୍ତିକ କୁମାର ସାମଲ, ନଳିନୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗର୍ଭାବସ୍ଥାରେ ସାତ ଖାଦ୍ୟ



**ଡାଲି**- ବିରି, ବୁଟ, ମସୁର ଡାଲି ତନ୍ତୁ ତଥା ପୃଷ୍ଟିସାରରେ ଭରପୁର। ଏଗୁଡ଼ିକରୁ କାଲସିଅମ ଓ ଜିଙ୍କ୍ ମଧ୍ୟ ମିଳେ, ଯାହା ଉଭୟ ମାଆ ଓ ଭ୍ରୂଣର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ।

**ରଙ୍ଗୀନଫଳ**- ଋତୁ ଅନୁସାରେ ବିଭିନ୍ନ ତାଜା ଫଳ ଖାଆନ୍ତୁ। ସବୁଜ, ହଳଦିଆ, ବାଇଗଣୀ ରଙ୍ଗର ଫଳ ସବୁଠାରୁ ଉତ୍ତମ। ପଇଡ଼ ପାଣି, ଫଳ ରସ ପିଅନ୍ତୁ।

**ଶାଗ** - ଯେକୌଣସି ଶାଗ ଖାଇବା ଉଚିତ୍। ଶାଗରୁ ପ୍ରଚୁର ପରିମାଣରେ ଲୌହସାର ମିଳେ। ପାଳଙ୍ଗ ଶାଗରେ ଫୋଲିକ ଏସିଡ଼ ଓ କାଲସିଅମ ମାତ୍ରା ଅଧିକ। ଏହା ଜରାୟୁକୁ ସୁରକ୍ଷିତ ରଖେ। ସବୁଜ ପରିବା ଖାଆନ୍ତୁ।

**ଦହି** - ଦହି ସଂକ୍ରମଣ ପ୍ରତିରୋଧୀ। ମାଆ ଓ ଗର୍ଭସ୍ଥ ଶିଶୁ ପାଇଁ ଉପାଦେୟ। ନିୟମିତ ଦହି ଖାଇବା ଦ୍ୱାରା ପ୍ରସବ ବେଦନା କମେ।

**କ୍ଷୀର** - ଗର୍ଭାବସ୍ଥାରେ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା ଶିଶୁର ଅସ୍ଥିର ମଜଭୁତ ହୁଏ। ମାଆ ପାଇଁ କାଲସିଅମର ଅଭାବ ରହେନାହିଁ। ଛେନା ଖାଆନ୍ତୁ। ଦହି ସରବତ ପିଅନ୍ତୁ।

**ଶସ୍ୟ** - ମୁଗ, ବୁଟ, ଉଷୁନା ଚାଉଳ, ଗହମ, ଯବ ଆଦି ଖାଆନ୍ତୁ।

**ଶୁଖିଲା ଫଳ** - କାଜୁ, କିସମିସ, ବାଦାମ, ଅଖରୋଟ ଆଦି ଖାଆନ୍ତୁ। ଏସବୁ ଶିଶୁର ମସ୍ତିଷ୍କ ବିକାଶରେ ସହାୟକ ହୁଏ।

# ରାଜନୀତିଆ କୁକୁର



ରାଜନୀତି ଏମିତି ଏକ କ୍ଷେତ୍ର ଯେଉଁଠି ପ୍ରତିଷ୍ଠା ପାଇବାକୁ ସାରା ଜୀବନ ଲାଗି ଯାଉଥିବା ବେଳେ ଏଠାରେ କୁକୁରର ରାଜନୀତି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁନି। ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବଡ଼ବଡ଼ ନେତାଙ୍କୁ ଇଲେକ୍ସନରେ ମାଟି ଚଟେଇ ଦେଉଛି ଏକ କୁକୁର। କୁକୁରଟି ଏବେ ମେୟର ଭାବେ କାର୍ଯ୍ୟରତ। ଆମେରିକାର ମିନେସୋଟା ସ୍ଥିତ କରମୋରେ ଟାଉନସିପରେ ଲୋକମାନେ ମଣିଷଙ୍କ ବ୍ୟତୀତ ବେଶୀ ବିଶ୍ୱାସ କରୁଛନ୍ତି ପଶୁଙ୍କୁ। କେବଳ ଏଇଥିପାଇଁ ଡ୍ୟୁକ ନାମକ ଏହି କୁକୁର ବର୍ତ୍ତମାନ ସୁଦ୍ଧା ହୋଇଥିବା ୩ ଥର ନିର୍ବାଚନରେ ଜିତି ଆସୁଛି ପୁଣି ବହୁମତ ସହିତ। ତେବେ ସେବେଠାରୁ ବଡ଼କଥା ହେଲା କୁକୁରଟି ଏହି ଟାଉନକୁ ଆସୁଥିବା ଅତିଥିମାନଙ୍କୁ ନିଜେ ହିଁ ସ୍ୱାଗତ କରିବା ସହିତ ଭାରି ସମ୍ମାନ ମଧ୍ୟ କରିଥାଏ। ଏଥିସହିତ ଟାଉନକୁ ଯେବେ ବି କୌଣସି ନେତା କିମ୍ୱା ମନ୍ତ୍ରୀ ଆସିଥାନ୍ତି ମେୟର ଓରଫ ଡ୍ୟୁକକୁ ଦେଖାକରି ଥାନ୍ତି।

# ପବନ ମୁକ୍ତାସନ



ଶବାସନରେ ଶୋଇ ଗୋଡ଼ ହାତ ଲମ୍ୱାଇ ରଖ। ପ୍ରଥମେ ଡାହାଣ ପାଦ ଆଣ୍ଠୁ ଠାରୁ ବଙ୍କାଇ ଆଣି ଏପଟ ଓ ଛାତି ଉପରେ ଦୁଇ ହାତରେ ଚାପି ରଖନ୍ତୁ। କିଛି ସମୟ ଏପରି ଅବସ୍ଥାରେ ରହି ଡାହାଣ ପାଦକୁ ବିଶ୍ରାମ ଦେଇ ଅନୁରୂପ ଭାବେ ବାମ ପାଦକୁ ଆଣ୍ଠୁ ଠାରୁ ମୋଡ଼ି ଆଣି ପେଟ ଓ ଛାତିରେ ଚାପି ରଖନ୍ତୁ। କିଛି ସମୟ ରହି ବିଶ୍ରାମ କରନ୍ତୁ। ତା'ପରେ ଏକତ୍ର ଦୁଇ ଗୋଡ଼କୁ ଆଣ୍ଠୁ ଠାରୁ ବଙ୍କାଇ ଆଣି ପେଟ ଓ ଛାତି ଉପରେ ଜାକି ରଖନ୍ତୁ। ଯେପରି ଚିବୁକ ଆଣ୍ଠୁକୁ ଛୁଇଁବା ଛିଡ଼ା ହୋଇଥିବା ଅବସ୍ଥାରେ ମଧ୍ୟ ଏ ଆସନ କରାଯାଇପାରିବ। ଗୋଟିଏ ପାଦରେ ଛିଡ଼ା ହୋଇ ଅନ୍ୟଟିକୁ ଉଠାଇ ଜାକି ଧରାଯିବ। ପ୍ରଥମେ ଦୁଇଗ୍ଲାସ ପାଣି ପିଇ ଏହି ଆସନ କରନ୍ତୁ। ପ୍ରତ୍ୟେହ ୩/୪ଥର କରନ୍ତୁ। ଏହି ଆସନ କଲେ ପ୍ରସବ ପରେ ପେଟ ବଢ଼ିବାକୁ ଦିଏନାହିଁ, ଗର୍ଭାଶହ ବିକଅତି ଦୂରହୁଏ, ଚର୍ବି ହ୍ରାସ କରେ, ଅଜୀର୍ଣ୍ଣ, ଅମ୍ଳ ଆରୋଗ୍ୟ କରେ, ପେଟରେ ପେଶୀ ଶକ୍ତ କରେ ଓ ପେଟରେ ସମସ୍ତ ବାୟୁ ଦୋଷ ଦୂରକରେ।

# ଭଡ଼ାରେ ନିଅନ୍ତି ସେନା

**ପୁରା ଦୁନିଆରେ ଆମେରିକା ତା'ର ପ୍ରତିରକ୍ଷା ବଜେଟରେ ସର୍ବାଧିକ ଖର୍ଚ୍ଚ କରିଥାଏ। ଆମେରିକାର ପ୍ରତିରକ୍ଷା ବଜେଟ ପାଖାପାଖି ୬୮୦ ବିଲିୟନ ଡଲାର। ଆମେରିକା ପରେ ଚୀନ ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରିଥାଏ। ତେବେ ଭାରତର ପ୍ରତିରକ୍ଷା ବଜେଟ ମାତ୍ର ୨.୪୬ଲକ୍ଷ କୋଟି ଟଙ୍କା ଅର୍ଥାତ ୪୧ ବିଲିୟନ ଡଲାର। କିନ୍ତୁ ଏମାନଙ୍କ ଠାରୁ ପୁରା ଅଲଗା ହେଉଛନ୍ତି ଏଇ କେତୋଟି ଦେଶ। ଏହି ଦେଶଗୁଡ଼ିକର ନିଜର ସେନା ନାହିଁ ଓ ଦେଶର ସୁରକ୍ଷା ପାଇଁ ଭଡ଼ାରେ ସେନା ନେଇଥାନ୍ତି ।**



**କୋଷ୍ଟାରିକା:** ମଧ ଆମେରିକୀୟ ଦେଶ କୋଷ୍ଟାରିକାର ନିଜର ସୈନ୍ୟ ନାହାଁନ୍ତି। ୧୯୪୮ରେ ରାଷ୍ଟ୍ରପତି ନିର୍ବାଚନ ସମୟରେ ଜନବିଦ୍ରୋହ ସମୟରେ ବିଦ୍ରୋହୀ କ୍ଷମତାକୁ ନିଜ କବଜାକୁ ନେଇ ଯାଇଥିଲେ। ଏହାପରେ ଏଠାରେ ନୂଆ ସମ୍ବିଧାନ ପ୍ରତିଷ୍ଠା ହୋଇଥିଲା। ନୂଆ ସମ୍ବିଧାନ ସେନାର ବ୍ୟବସ୍ଥା କରାଯାଇ ନଥିଲା। ୧୯୫୩ରୁ ଦେଶରେ ୧୪ଥର ରାଷ୍ଟ୍ରପତି ନିର୍ବାଚନ ହୋଇସାରିଛି, କିନ୍ତୁ ସବୁଯାକ ଶାନ୍ତିପୂର୍ଣ୍ଣ ରହିଥିଲା। ଆବଶ୍ୟକତା ପଡ଼ିଲେ କୋଷ୍ଟାରିକା ସେନା ଭଡ଼ାରେ ନେଇଥାଏ।

**ଲିଷ୍ଟେନଷ୍ଟାଇନ:** କେନ୍ଦ୍ରୀୟ ୟୁରୋପର ଏହି କ୍ଷୁଦ୍ର ଦେଶରେ ୧୮୬୮ରେ ନିଜର ସେନା ଭାଙ୍ଗି ଦେଇଥିଲା। ଆର୍ଥିକ କାରଣରୁ ଏହା ବନ୍ଦ ରଖାଯାଇଥିଲା। ଯୁଦ୍ଧ ଆଶଙ୍କା ଦଖୋଦେଲେ ସେନା ଗଠନ କରାଯିବ ବୋଲି ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେପରି ପରିସ୍ଥିତି ଆସିନାହିଁ। ଲିଷ୍ଟେନଷ୍ଟାଇନ କଳାଧନକୁ ନେଇ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାଏ।

**ସାମୋଆ:** ୧୯୬୨ରେ ସାମୋଆ ନ୍ୟୁଜିଲାଣ୍ଡ ଅଧିନରେ ସ୍ୱାଧୀନ ହୋଇଥିଲା। ସ୍ୱାଧୀନତା ପରଠାରୁ ତା' ପାଖରେ କୌଣସି ସେନା ନାହିଁ। ଆବଶ୍ୟକତା ପଡ଼ିଲେ ଦେଶକୁ ସୁରକ୍ଷା ଦେବ ବୋଲି ନ୍ୟୁଜିଲାଣ୍ଡ ସ୍ୱାଧୀନତା ସମୟରେ ଆଶ୍ୱାସନା ଦେଇଥିଲା। ପଶ୍ଚିମ ସାମୋଆ ଦ୍ୱୀପ ସମୂହକୁ ନେଇ ଗଠିତ ଏହି ଦେଶ ପାଲେନେସିଆର ଅଂଶବିଶେଷ।

**ଅଣ୍ଡୋରା:** ଅଣ୍ଡୋରା ୟୁରୋପରେ ଅବସ୍ଥିତ। ୧୨୭୮ ରେ ଏହି ଦଶେ ଗଠିତ ହୋଇଥିଲା। ଅଣ୍ଡୋରାର ନିଜର ସେନା ନାହିଁ । କିନ୍ତୁ ଆବଶ୍ୟକତା ପଡ଼ିଲେ ସେନା ସହାୟତା ଦେବାକୁ ଅଣ୍ଡୋରାକୁ ସ୍ପେନ ଓ ଫ୍ରାନ୍ସ ଆଶ୍ୱାସନା ଦେଇଛନ୍ତି। ୪୬୮ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଣ୍ଡୋରା ଏହାର ସକିରିସୋର୍ଟ ଓ ଡ୍ୟୁଟି ଫ୍ରି ଦୋକାନ ପାଇଁ ଜଣାଶୁଣା। ଟ୍ୟାକ୍ସ ଚୋରି କରୁଥିବା ଲୋକଙ୍କ ପାଇଁ ଏହା ଭୂସ୍ୱର୍ଗ।



**ଟାବୁଲ:** ୨୦୧୪ରେ ଗଠିତ ଭାରତ ପ୍ରଶାନ୍ତ ଦ୍ୱୀପ ସହଯୋଗ ସଙ୍ଗଠନରେ ସାମୋଆ ଓ ଟୁବାଲୁ ସାମିଲ। ଟୁବାଲୁର କ୍ଷେତ୍ରଫଳ ମାତ୍ର ୨୬ ବର୍ଗ କିଲୋମିଟର ଓ ଜନସଂଖ୍ୟା ୧୦,୦୦୦। ଏହି ଦେଶ ପାଖରେ ବି କୌଣସି ସେନା ନାହିଁ। ଏହା ରାଜ୍ୟଗୋଷ୍ଠୀ ସମୂହର ସଦସ୍ୟ ଓ ବ୍ରିଟେନ ପରି ସଂସଦୀୟ ରାଜତନ୍ତ୍ର ବି।

**ଭାଟିକାନ ସିଟି:** ଇଟାଲୀର ରାଜଧାନୀ ରୋମର ଅବସ୍ଥିତ ଭାଟିକାନ ସିଟି ପୃଥିବୀର ସବୁଠୁ ଛୋଟ ଦେଶ। ଏହି ଦେଶର କ୍ଷେତ୍ରଫଳ ମାତ୍ର ୦.୪୪ବର୍ଗ କିଲୋମିଟର ଓ ଜନସଂଖ୍ୟା ୮୪୦। ଏହା କ୍ୟାଥଲିକ ଚର୍ଚ୍ଚଙ୍କ ମୁଖ୍ୟାଳୟ। ଏଠାରେ ପୋପ ଓ ଚର୍ଚ୍ଚର ଅନ୍ୟ ଅଧିକାରୀ ରୁହନ୍ତି। କିନ୍ତୁ ଏହାର କୌଣସି ସେନା ନାହିଁ।

**ଗ୍ରେନେଡ଼ା:** ଏକ ବଡ଼ ଦ୍ୱୀପ ଓ ଛଅଟି ଛୋଟ ଛୋଟ ଦ୍ୱୀପକୁ ନେଇ ଗଠିତ ଗ୍ରେନେନାର କ୍ଷେତ୍ରଫଳ ୩୪୪ ବର୍ଗ କିଲୋମିଟର। ଦେଶର ଜନସଂଖ୍ୟା ୧୦୫,୦୦୦। ଗ୍ରେନେଡ଼ା କାରିବିଆନ ଓ ଆଟଲାଣ୍ଟିକ ମହାସାଗରମ ମଧ୍ୟରେ ରହିଛି। ମସଲା ପାଇଁ ଏହି ଦେଶ ପରିଚିତ। ୧୯୮୩ରେ ସେନା ବିଦ୍ରୋହ ଓ ଆମେରିକା ହସ୍ତକ୍ଷେପ ପରେ ଏଠାରେ ନିୟମିତ ସେନା ନାହିଁ।

**ନାଉରୁ:** ନାଉରୁ ପ୍ରଶାନ୍ତ ମହାସଗାରରେ ଅବସ୍ଥିତ ଏକ ଦ୍ୱୀପ। କ୍ଷେତ୍ରଫଳ ମାତ୍ର ୨୧.୧୦ବର୍ଗ କିଲୋମିଟର। ଜନସଂଖ୍ୟା ପାଖାପାଖି ୧୦,୦୦୦। ନାଉର ମାଇକ୍ରୋନେସିଆ ଦ୍ୱୀପର ଅଂଶବିଶେଷ। ଏକ ବୁଝାମଣା ଅନୁଯାୟୀ ନାଉରୁ ସୁରକ୍ଷା ଦାୟିତ୍ୱ ଅଷ୍ଟ୍ରେଲିଆ ନେଇଛି।

# ଚିନାବାଦାମ



ଚିନାବାଦାମ ଫସଲରେ ନାଲି ଓ କଳା ଶମ୍ୱାଳୁ ପୋକ ପତ୍ର ଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ଦମନ ପାଇଁ ଏକର ପ୍ରତି ଦଶ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ। ମୂଳ ଶଢ଼ା ରୋଗର ଦମନ ପାଇଁ ପ୍ରତି ଲିଟର୍ ପାଣିରେ ଦୁଇ ମିଲି ସାଫ୍ କିମ୍ୱା କମ୍ପାନିଅନ୍ କିମ୍ୱା ସିକ୍ସର୍ ମିଶାଇ ଛିଞ୍ଚନ୍ତୁ। ବର୍ଷା କମ୍ ହେଉଥିଲେ ଉଇ ଲାଗିପାରନ୍ତି। ଦମନ ପାଇଁ ପ୍ରତି ଲିଟର ପାଣିରେ ଦୁଇ ମିଲି କ୍ଲୋରୋପାଇରିଫସ୍ ମିଶାଇ ଗଛ ମୂଳରେ ଛିଞ୍ଚନ୍ତୁ। ବର୍ଷାଦିନେ ଅଧିକ ଆର୍ଦ୍ରତା ସହିତ ପାଗ ଖରାଟିଆ ରହିଲେ, ଚିନାବାଦାମରେ ଝାଉଁଳା ରୋଗ ଲାଗିବା ଆଶଙ୍କାଥାଏ। ଦମନ ପାଇଁ ଦଶ ଲିଟର୍ ପାଣିରେ ଏକ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ସହ ପନ୍ଦର ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ, ମାଟି ଭିଜିଲା ଭଳି ଗଛ ମୂଳରେ ଛିଞ୍ଚନ୍ତୁ।

# ଦୀର୍ଘାୟୁ ଲୋକେ

ଏକ ବିଦେଶୀ ଲୋକପ୍ରିୟ ପତ୍ରିକା ବିଶ୍ୱସ୍ତରୀୟ ସର୍ବେକ୍ଷଣ କରି ଦୀର୍ଘାୟୁ ଲୋକଙ୍କ ତଥ୍ୟ ପ୍ରକାଶ କରିଛି। ଏହି ତାଲିକାରେ ବିଶ୍ୱର ୮ଟି ରାଷ୍ଟ୍ରର ନାମ ପ୍ରକାଶିତ ହୋଇଛି, ସେଠାକାର ନାଗରିକ ସବୁଠୁ ଅଧିକ ଦୀର୍ଘଜୀବୀ ବୋଲି ଜଣାପଡ଼ିଛି। ଏହି ତାଲିକାରେ ଭାରତର ନାମ ନାହିଁ। ଏଥିରେ ପ୍ରଥମ ସ୍ଥାନରେ ଜାପାନ ରହିଛି। ଜାପାନବାସୀଙ୍କ ହାରାହାରି ଆୟୁ ୬୦ବର୍ଷ ହୋଇଥିବା ବେଳେ ପ୍ରାୟ ୫୫% ଲୋକେ ୮୬ବର୍ଷ ପର୍ଯ୍ୟନ୍ତ ଜୀବନଯାପନ କରିଥାନ୍ତି। ସେଠାକାର ଖାଦ୍ୟପେୟ ଓ ପାରିବାରିକ ସଂସ୍କୃତି ହିଁ ଦୀର୍ଘାୟୁ ହେବାର ରହସ୍ୟ। ଦ୍ୱିତୀୟରେ ରହିଛି ସିଙ୍ଗାପୁର।। ସେଠାକାର ଲୋକେ ମାତ୍ରାଧିକ ପରିଶ୍ରମୀ। ସିଙ୍ଗାପୁରର ପ୍ରତି ୧୦ଜଣରୁ ୬ଜଣ ଚାକିରି ଜୀରବନରୁ ଅବସର ନେବାର ୧ ସପ୍ତାହ ମଧ୍ୟରେ ପୁଣି ନୂତନ କାର୍ଯ୍ୟରେ ଯୋଗ ଦେଇଥାନ୍ତି। ଫ୍ରାନ୍ସ ମଧ୍ୟ ଏହି ତାଲିକାରେ ଏକ ସ୍ଥାନ ଗ୍ରହଣ କରିଛି। ସେହି ଅଞ୍ଚଳରେ ଲୋକେ ଖାଦ୍ୟପେୟ ନେଇ ବେଶ୍ ସଚେତନ। ଏହା ହେଉଛି ବବିଶ୍ୱର ଏକମାତ୍ର ରାଷ୍ଟ୍ର, ଯେଉଁଠାରେ ପ୍ରତ୍ୟେକ ହୋଟେଲ ଓ ରେଷ୍ଟୋରାଁରେ ବିଶୁଦ୍ଧ ଅଲିଭ ତେଲ ବ୍ୟବହୃତ ହୋଇଥାଏ। ସ୍ପେନରେ ଜଣେ ବ୍ୟକ୍ତି ହାରାହାରି ଆୟୁ ହେଉଛି ୬୮ବର୍ଷରୁ ୮୦ବର୍ଷ। ଲୋକଙ୍କର ଜବୀନ ଶୈଳୀ ଉତ୍ତମ ହେବା ସହ ସେମାନେ ଅଧିକ ଖୁସି ରହୁଥିବାରୁ ଦୀର୍ଘାୟୁ ହେବାର ଏକ ପ୍ରମୁଖ ରହସ୍ୟ। ଇଟାଲୀର ଜଳବାୟୁ ଓ ଖାଦ୍ୟପେୟ କାରଣରୁ ଲୋକମାନେ ଦୀର୍ଘଜୀବୀ ଅଟନ୍ତି। ସେଠାକାର ବୟସ୍କ ସ୍ୱାସ୍ଥ୍ୟ ମଧ୍ୟ ବେଶ୍ ଭଲ ରହେ।

# ବିନା ପେନ୍‌କିଲର୍‌ରେ କମିବ ମୁଣ୍ଡବିନ୍ଧା

**ଅଧିକାଂଶ ସମୟ ଆପଣଙ୍କ ମୁଣ୍ଡ ବିନ୍ଧୁଛି କି ? ବିନା ପେନକିଲରରେ ଯଦି ମୁଣ୍ଡ ବିନ୍ଧା କମ ହେଉଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ସାବଧାନ ପେନକିଲର ଅଧିକ ସେବନ କ୍ଷତି ପହଂଚାଇ ପାରେ ଆପଣଙ୍କ ଶରୀରର ଅନ୍ୟ ଅଙ୍ଗକୁ। ତେବେ ବିନା ଔଷଧରେ ଏବଂ ଘରୋଇ ଉପଚାର ଦ୍ୱାରା ମଧ୍ୟ ଆପଣ ମୁଣ୍ଡ ବିନ୍ଧା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ତେବେ ମୁଣ୍ଡ ବିନ୍ଧିଲେ ପେନକିଲର ବଦଳରେ କିପରି କରିବେ ଉପଚାର ଜାଣନ୍ତୁ ସେ ସମ୍ପର୍କିତ କିଛି ତଥ୍ୟ।**



**ମେଡ଼ିଟେସନ:** ଅନେକ ସମୟରେ କାମ ଚିନ୍ତାରେ ମୁଣ୍ଡ ବିନ୍ଧାହୁଏ, ମାନସିକ ସ୍ତରରେ ଅଧିକ ଚିନ୍ତିତ ରହିଲେ ମଧ୍ୟ ମୁଣ୍ଡ ବିନ୍ଧାହୁଏ। ଏଥିପାଇଁ ପ୍ରଥମେ ମସ୍ତିଷ୍କକୁ ଥଣ୍ଡା ରଖିବା ଜରୁରୀ। ଥଣ୍ଡା ମସ୍ତିଷ୍କ ପାଇଁ ମେଡ଼ିଟେସନ କରିବା ଆବଶ୍ୟକ। ପ୍ରତିଦିନ ସକାଳୁ କିଛି ସମୟ ମେଡ଼ିଟେସନ କରନ୍ତୁ। ଯାହା ଆପଣଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିବା ସହ ମୁଣ୍ଡ ବିନ୍ଧା ସମସ୍ୟା ସହଜେ କମିବ।

**ଶ୍ୱାସକ୍ରିୟା:** ଯଦି ଆପଣଙ୍କ ସାଇନୋସାଇଟ ସମସ୍ୟା ପାଇଁ ମୁଣ୍ଡବିନ୍ଧା ହେଉଥାଏ, ତେବେ ଯୋଗ ମାଧ୍ୟମରେ ନିଃଶ୍ୱାସ ନେବା ଓ ପ୍ରଶ୍ୱାସ ଛାଡ଼ିବା ପ୍ରକ୍ରିୟା ଆପଣାନ୍ତୁ। ଏହାଦ୍ୱାରା ସାଇନସ ସମସ୍ୟା କମିବା ସହ ମୁଣ୍ଡବିନ୍ଧା ମଧ୍ୟ ହେବନାହିଁ। **ମସାଜ ଥେରାପି:** ପ୍ରତିଦିନ ମୁଣ୍ଡରେ କିଛି ସମୟ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ। ଏପରି କରିବା ଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୁଏ ଏବଂ ମୁଣ୍ଡ ବବିନ୍ଧା ମଧ୍ୟ କମେ। **ଗରମ ଓ ଥଣ୍ଡା ସେକ:** ଅନେକ ସମୟରେ ଚିଡ଼୍‌ଚିଡ଼ା କିମ୍ୱା ବରିକ୍ତି ମନୋଭାବରେ ମୁଣ୍ଡବିନ୍ଧା ହୁଏ। ତେବେ ଏଥିପାଇଁ କୌଣସି ଔଷଧ ସହଜେ କାମ କରିନଥାଏ। ଏଭଳି ସ୍ଥିତିରେ ଥଣ୍ଡା ପାଣି ଓ ଗରମ ପାଣି ସେକ ନେଇ ପାରିବେ। ଏକ କପଡ଼ାକୁ ଗରମ ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ପୁଣି ସଙ୍ଗେ ସଙ୍ଗେ ଥଣ୍ଡା ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ଏପରି ୧୫ ମିନିଟ କରନ୍ତୁ ଦେଖିବେ ମୁଣ୍ଡ ବିନ୍ଧା କମିଯାଇଥିବ। ପିପରମେଣ୍ଟ ଯୁକ୍ତ ତେଲ, ପିପରମେଣ୍ଟ ବହୁ ପରିମାଣର ଆଣ୍ଟି ଇନ୍ଫ୍ଲାମୋଟୋରରୀ ରହିଛି। ଯାହା ବିନ୍ଧା ହେଉଥିବା ସ୍ଥାନରେ ଲଗାଇବା ଦ୍ୱାରା ଯନ୍ତ୍ରଣା କମିଯାଏ। ତେବେ ଯନ୍ତ୍ରଣା କମାଇବା ପାଇଁ ପିପରମେଣ୍ଟ ଯୁକ୍ତ ତେଲ ବ୍ୟବହାର କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଚୀନ୍‌ର ବିସ୍ତାରବାଦୀ ଖୋଇ...

ସମଗ୍ର ପୃଥିବୀବାସୀଙ୍କୁ ଭାରତ ନିଜ ପରିବାର ସଦସ୍ୟ ରୂପେ ଗ୍ରହଣ କରିଆସିଛି । ସେଥିପାଇଁ ଜି-୨୦'ର ମୁଖ୍ୟ ହିସାବରେ 'ବସୁଧୈବ କୁଟୁମ୍ବକମ୍'କୁ ଆଦର୍ଶ ରୂପେ ଗ୍ରହଣ କରିଛି। ତାହା କେବଳ ବାଚନିକ ଉଚ୍ଚାରଣ ନୁହେଁ, ଭାରତର ଆତ୍ମିକ ସନ୍ଦେଶ। ଦୁନିଆ ଯେତେବେଳେ ଯୁଦ୍ଧ ବିଗ୍ରହରେ ଲିପ୍ତ, କେଉଁଠି ମହାମାରୀ ତ' ଆଉ କେଉଁଠି ପ୍ରାକୃତିକ ବିପର୍ଯ୍ୟୟ ସେହି ସମୟରେ ବିଶ୍ୱବାସୀଙ୍କୁ ଏହି ବାର୍ତ୍ତା ଆଶ୍ୱସ୍ତ କରୁଥିବ। ରୁଷ-ୟୁକ୍ରେନ୍ ସଂଘର୍ଷ ବର୍ଷାଧିକ କାଳ ଚାଲିଥିବା ସମୟରେ ନାଟୋ ଏକପାଖି ସମର୍ଥନ ନେଇ ୟୁକ୍ରେନ୍‌କୁ ନଚାଉଥିବା ସମସ୍ତେ ଦେଖି ଚକିତ । କେବଳ ରୁଷ ନିଜ ବଳରେ ତାହାର ମୁକାବିଲା କରିବା ନାମରେ ସମଗ୍ର ସ୍ଥିତିକୁ ଥରହର କରି ରଖୁଛନ୍ତି । ଏହି ପରିପ୍ରେକ୍ଷୀରେ ଆମକୁ ବିଭିନ୍ନ ବିଶ୍ୱ ମଞ୍ଚରେ ଯେଉଁଭଳି ବିଚାରଧାରା ଆପଣାଇବାକୁ ହେବ, ତାହା ନେତୃତ୍ୱ ଭଲରୂପେ ଜାଣନ୍ତି ତାହାରି ଭିତରେ ବିଶ୍ୱ ଶାନ୍ତିକୁ ବୃହତ୍ ଶକ୍ତି ରୂପେ ପ୍ରତିପାଦିତ କରୁଥିବା କେତେକ ଦେଶ ବିଘ୍ନ ଉପୁଜାଇବାର ଦେଖାଯାଇଛି । ସେମାନଙ୍କର ବିସ୍ତାରବାଦୀ ନୀତି ବହୁ ସମୟରେ ଅଯଥା ଓ ଅବାଞ୍ଛିତ ସମସ୍ୟାର କାରଣ ହେଉଥିବା ସମସ୍ତେ ଲକ୍ଷ୍ୟ କରୁଛନ୍ତି। ଏଭଳି ଏକ ଦେଶ ହେଉଛି ବୃହତ୍ ଶକ୍ତି ଚୀନ୍। ପୂର୍ବ ଦିନରେ ଆମର ଅରୁଣାଚଳ ପ୍ରଦେଶର ବିସ୍ତୀର୍ଣ୍ଣ କ୍ଷେତ୍ର ଚୀନ୍ ତାର ଦଖଲରେ ରଖୁଛି। ତାହା ବାଦ୍ ଗନ୍ ଉପତ୍ୟକାରେ ହେଉ କି' ଲେହ୍-ଲଦାଖରେ ହେଉ ସୀମାତିକ୍ରମ କରି ଭାରତବିରୋଧୀ ଆଚରଣ କରିବାର ସମସ୍ତେ ଦେଖୁଛନ୍ତି। ବର୍ଷ ପରେ ବର୍ଷ ଚୀନ୍ ଭାରତ ବିରୋଧୀ ସାମରିକ ଗତିବିଧ ଜରିଆରେ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଚୀନ୍‌ର ଔଦ୍ଧତ୍ୟ ସେତିକିରେ ସୀମିତ ରହିନାହିଁ । ତାଇୱାନ୍ ଉପରେ ଶକ୍ତ ହମ୍ କରିବା ସକାଶେ ଚୀନ୍ ପ୍ରସ୍ତୁତି ଚଳାଇଛି। ଡ୍ରାଗନ୍ ସେନା ଏହା ମଧ୍ୟରେ ସମରସଜ୍ଜା ଆରମ୍ଭ କରିବା ସହିତ ମହାସାଗରରେ ଚଳାଇଛି ଯୁଦ୍ଧାଭ୍ୟାସ। ଆମେରିକାକୁ ନିଜର ମିତ୍ର ବୋଲି କହିଆସୁଥିବା ତାଇୱାନ୍ ଉପରେ ରାଗ ଶୁଝାଇବା ଲାଗି ବିଭିନ୍ନ ଫନ୍ଦି ବାହାର କରିବାରେ ଲାଗିଛି। ଏକ ସମୟରେ ମାର୍କିନ୍ ପ୍ରତିନିଧି ସଭାର ଅଧକ୍ଷା ରାଜଧାନୀ ତାଇପେ ଗସ୍ତ କରିଥିବାରୁ ତାହା ଚୀନ୍‌ର ଚକ୍ଷୁଶୂଳ ହୋଇଥିଲା। ଯେହେତୁ ଚୀନ୍ ମୂଳରୁ ତାଇୱାନ୍‌କୁ ଉପନିବେଶ ବୋଲି ଧରିନେଇଛି, ତାହା ଉପରେ ମାର୍କିନ୍ ହସ୍ତକ୍ଷେପକୁ ବରଦାସ୍ତ କରିବା ଅବସ୍ଥାରେ ଚୀନ୍ ନାହିଁ । ବିସ୍ତାରବାଦ ଚୀନ୍‌ର ମୂଳ ବିଦେଶ ନୀତି ରହିଆସିଛି । କେବଳ ଭାରତ ବିରୋଧରେ ନୁହେଁ, ଡ୍ରାଗନ୍ ସେନା କେତେବେଳେ ତାଇୱାନ୍ ବିରୋଧରେ ତ' ଆଉ କେତେବେଳେ ଫିଲିପାଇନ୍ସ ବିରୋଧରେ ହମ୍ କରୁଛି । ଅନ୍ୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ନାକ ଗଳାଇ ଝାମେଲା ସୃଷ୍ଟି କରିବା ଖୋଇ ଚୀନ୍ ଛାଡୁନାହିଁ କି' ଛାଡ଼ିବନାହିଁ । ତାହା ହୋଇପାରେ ଅନ୍ୟତମ କାରଣ, ଯେଉଁଥିପାଇଁ କି ମିଳିତ ଜାତିସଂଘ ଠାରୁ ଆରମ୍ଭ କରି ବିଭିନ୍ନ ବିଶ୍ୱମଞ୍ଚରେ ସେହି ଦେଶ ଏକରକମର କାଳୀଗାଈର ଭିନ୍ନେ ଗୋଠ ନ୍ୟାୟରେ ରହିଆସିଛି। ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସର ଜାହାଜ ଉପରେ ପିପୁଲସ୍ ଆର୍ମିର ସଶସ୍ତ୍ର ଚଢ଼ଉ ଏହି କ୍ଷେତ୍ରରେ ଦେଶର ଔଦ୍ଧତ୍ୟକୁ ପୁଣି ଥରେ ସାବ୍ୟସ୍ତ କରିଛି। ସମଗ୍ର ଜଳରାଶିକୁ ଚୀନ୍ ତାର ମାଲିକାନାର କ୍ଷେତ୍ର ବୋଲି ଭାବିଛି। ତାହା ତାଇୱାନ କ୍ଷେତ୍ରରେ ଯାହା, ଫିଲିପାଇନ୍ସ କ୍ଷେତ୍ରରେ ତାହା। ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଭଳି ଶକ୍ତଶାଳୀ ଦେଶ ଚୀନ୍‌ର ହାକିମାତି ଉପରେ ଯେମିତି କିଛି କରିବାକୁ ସାହସ ଜୁଟାଇ ପାରୁନାହାଁନ୍ତି । କେବଳ ଯୁଦ୍ଧାସ୍ତ୍ର ଯୋଗାଇବାରେ ସଂଘର୍ଷରତ ଦେଶଗୁଡ଼ିକ ପାଇଁ ସାଜିଥାଇ ପାରନ୍ତି ଅଭୟ ବରଦାତା। ଏଭଳି ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ବିଶ୍ୱ କୂଟନୀତି ପାଇଁ ଦିନେ ନା' ଦିନେ ମହାବିପଦକୁ ଡାକି ଆଣିବ ହିଁ ଆଣିବ। ବିଶ୍ୱ ସ୍ତରରେ ଏବେ ଶୀତଳ ଯୁଦ୍ଧ ଯୁଗ ପ୍ରାୟତଃ ନାହିଁ । ତେଣୁ ମହାଶକ୍ତିମାନଙ୍କର ଆଞ୍ଚଳିକ ସ୍ତରରେ କିଛି ଉତ୍ତେଜନା ଲାଗିରହୁଛି। ସେଥିରୁ ଫାଇଦା ଉଠାଇବା ଚକ୍କରରେ ମହାଶକ୍ତିମାନେ ଅବଶ୍ୟ ରହିଛନ୍ତି। ଏହି କ୍ଷେତ୍ରରେ କେଉଁ ଦେଶ କିଭଳି ଆଭିମୁଖ୍ୟ ନେଉଛନ୍ତି, ତାହା ସେହି ଦେଶ ଉପରେ ନିର୍ଭର କରେ । ଚୀନ୍ ହୁଏତ ନିଜ ଦେଶର ସମସ୍ୟା ନେଇ ଘାଣ୍ଟିହେଉଛି, ମାତ୍ର ବାହାରକୁ ଅଲଗା ଚିତ୍ର ଦେଖାଉଛି । ସାମରିକ ଶକ୍ତି ବଳରେ ଅନ୍ୟମାନଙ୍କୁ କରଗତ କରିବା ଭଳି ଅପପ୍ରୟାସ ଶେଷକୁ ସେହି ଦେଶପାଇଁ ଘାତକ ସାବ୍ୟସ୍ତ



# ଜାତି ଅହଂକାରରୁ ହିଂସା

## ଅଧ୍ୟାପକ ଗୋପବନ୍ଧୁ

ଜାତି ସଂଘର୍ଷର କରୁଣ ପରିଣତି ମଣିପୁରରେ ଦେଖିବାକୁ ମିଳୁଛି। ଜାତି ଶ୍ରେଷ୍ଠତାର ପ୍ରତିଷ୍ଠା ପାଇଁ ଜାତି ଜାତି ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଚାଲିଛି। ଏହା ପଛରେ ଆଦର୍ଶ ହେଉଛି ଗୋଟିଏ ଜାତି ଆଉ ଗୋଟିଏ ଜାତିକୁ ମାରି ନିଶ୍ଚିହ୍ନ କରିବା। ଗୋଟିଏ ଜାତି ଅନ୍ୟ ଜାତି ଉପରେ ଯେତେ ବର୍ବର ହୋଇପାରେ। ହତ୍ୟା, ଧର୍ଷଣ, ଲୁଣ୍ଠନ, ଘରପୋଡ଼ି ପ୍ରଭୃତି ଯାହାକିଛି କରାଯାଇ ପାରେ। ମନୁଷ୍ୟ ଯେତେ ନୃଶଂଶ ଓ କ୍ରୁର ହୋଇପାରେ। ମନୁଷ୍ୟ ଚାଲିଯାଉଛି ସେହି ଆଦିମ ଯୁଗକୁ ଯେତେବେଳେ ସେ ଦଳଦଳ ହୋଇ ପାହାଡା ଗୁମ୍ଫାରେ ଓ ଗଛ କରଡରେ ରହୁଥିଲା ଏବଂ ଖାଦ୍ୟ ଓ ଅଞ୍ଚଳ ପାଇଁ ଅହରହ ଲଢେଇ କରୁଥିଲା। ଏବେ ତାହାହିଁ ରହିଛି। କେବଳ ତଫାତ୍ ହେଉଛି ସେତେବେଳେ ବିଧିବଦ୍ଧ ଜାତିର ସୃଷ୍ଟି ହୋଇନଥିଲା, ଲୋକମାନେ ଉଲଗ୍ନ ରହୁଥିଲେ। ଏବେ ଲୋକମାନେ ବସ୍ତ୍ରଧାରଣ କରୁଛନ୍ତି ଓ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ମାନସିକତାରେ କୌଣସି ପରିବର୍ତ୍ତନ ଆସିନାହିଁ।

ଜାତି ଜାତି ମଧ୍ୟରେ ସହାବସ୍ଥାନର ଭାବନା ଲୋପ ପାଉଛି। ଗୋଟିଏ ଜାତି ଆଉ ଗୋଟିଏ ଜାତିକୁ ଅଧୀନସ୍ଥ କରି ରଖିବ କିମ୍ବା ହଟାଇଦେବା କଥା ଚିନ୍ତା କରୁଛି। କେବଳ ମଣିପୁର ନୁହେଁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ଏହିପରି ଜାତିଗତ ସଂଘର୍ଷ ଦୀର୍ଘ ସମୟଧରି ଲାଗିରହିଛି। ଏହି ଜାତିଗତ କାରଣରୁ ସେଠାରେ ଛୋଟ ଛୋଟ ରାଜ୍ୟର ସୃଷ୍ଟି ହୋଇଛି। ବ୍ରିଟିଶ ରାଜ ସମୟରେ ଏ ସମସ୍ତ ଅଞ୍ଚଳ ଆସାମ ପ୍ରୋଭିନ୍ସର ପରିସରରେ ଥିଲା। ଜାତିର ଆଧାରରେ ନୂଆ ରାଜ୍ୟ ଗଠନର ଦାବୀ ଏଯାଏଁ ସରିନାହିଁ। ବୋଡୋମାନେ ନୂଆ ରାଜ୍ୟ ଦାବୀ କରୁଛନ୍ତି। ଏଥିପାଇଁ ସେମାନେ ଉଗ୍ରବାଦୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। ଗୋରଖା ଲାଣ୍ଡ ଆନ୍ଦୋଳନରେ କେତେ ଲୋକ ମରିଛନ୍ତି ସେ କଥା ସମସ୍ତଙ୍କୁ ଜଣା। ଏ ଦାବୀ ସରିନାହିଁ। ଏବେ କୁକିମାନେ ମଧ୍ୟ ନୂଆ ରାଜ୍ୟ କଥା ଉଠାଇଲେଣୀ। ଜାତି ଆଧାରରେ ସମସ୍ତ ପ୍ରକାରର ଅରାଜକତା ଚାଲିଛି।

କେବଳ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ଜାତିଗତ ହିଂସା ପରିଲକ୍ଷିତ ହୁଏ ତାହା ନୁହେଁ, ସମଗ୍ର ଦେଶରେ ଜାତିଗତ ହିଂସା ବିଭିନ୍ନ ରୂପରେ ଦେଖିବାକୁ ମିଳେ। ସବର୍ଣ୍ଣଙ୍କ ଅସବର୍ଣ୍ଣଙ୍କ ଉପରେ ଅତ୍ୟାଚାର, ଆଦିବାସୀ ଅଣଆଦିବାସୀ ବୈରୀତା, ଜାତି ଜାତି ମଧ୍ୟରେ ଉଚ୍ଚନୀଚ ଭେଦଭାବ, ଇସଲାମ୍ ମଧ୍ୟରେ ସିହା-ସୁନି ବିବାଦ, ଇଶାଇମାନଙ୍କ ମଧ୍ୟରେ କାଥୋଲିକ ପ୍ରୋଟେଷ୍ଟାଣ୍ଡ ବିବାଦ ଏହିପ୍ରକାର ଅନେକ ପ୍ରକାରର ବିବାଦ ରହିଆସିଛି। କେବଳ ଭାରତବର୍ଷରେ ନୁହେଁ, ସାରା ବିଶ୍ୱରେ ଏପରି ବିବାଦ ରହିଛି। ଏ ସମସ୍ତ ବିବାଦର ମୂଳରେ ରହିଛି ଜାତି ଆଇଡେଣ୍ଟିଟି ବା ଜାତି ପରିଚୟକୁ ବଜାଇ ରଖିବା ପାଇଁ ଚେଷ୍ଟା। ଜାତି ଆଇଡେଣ୍ଟିଟିର ଏକମାତ୍ର ଲକ୍ଷ୍ୟଥାଏ ନିଜ ଜାତି ପରିଚୟକୁ ବଜାଇ ରଖିବା ଓ ଅନ୍ୟ ଜନସମୁଦାୟ ଠାରୁ ପୃଥକ ରହିବା। ଜାତି ନିଜସ୍ୱ ସମ୍ବିଧାନ ତିଆରି କରେ ଓ ସେହି ସମ୍ବିଧାନର ନୀତିନିୟମ ମଧ୍ୟରେ ସମସ୍ତଙ୍କୁ ରହିବାକୁ ବାଧ କରେ। ଜାତି ଜାତି-ଜାତି ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନକୁ ସ୍ୱୀକୃତି ଦିଏ ନାହିଁ। କେହି ଏପରି କଲେ ମୃତ୍ୟୁଦଣ୍ଡ ଦେବା ପର୍ଯ୍ୟନ୍ତ କଥା ଯାଏ। ଜାତି ରୁଦ୍ଧଦ୍ୱାର କୋଠାରୀ ସାଦୃଶ୍ୟ। ବାହାରୁ ଶୁଦ୍ଧବିଚାର ଆସିବାକୁ ଦିଏ ନାହିଁ।

ପୃଥକ ଓ ଗୋଷ୍ଠୀଗତ ଜୀବନଯାପନ ପ୍ରଣାଳୀରୁ ଜାତିର ସୃଷ୍ଟି ହୋଇଛି। ଧର୍ମ ଦୃଷ୍ଟିରୁ ଭିନ୍ନ ବିଶ୍ୱାସ ଯୋଗୁଁ ଭିନ୍ନ ଗୋଷ୍ଠୀର ସୃଷ୍ଟି ହୋଇଛି। ବେଳେ ବେଳେ ଚକ୍ରାନ୍ତ କରି ଗୋଟିଏ ସମୁଦାୟର ଶକ୍ତି କ୍ଷୟ ପାଇଁ ତାଙ୍କୁ ଭାଗଭାଗ କରାଯାଇଛି ଓ ବିଭିନ୍ନ ଜାତିରେ ବିଭକ୍ତ କରାଯାଇଛି। ଜାତିର ଆଧାର ହେଉଛି ବୈରୀତା, ପାତର ଅନ୍ତର ଭାବ, ନିଜକୁ କାହାଠୁଁ ବଡ କିମ୍ବା କାହାଠୁଁ ଛୋଟର କଳନା। ଏ ସମସ୍ତ ବିଷୟ ସଭ୍ୟତାର ପରିପନ୍ଥୀ ଓ ଅମାନବୀୟ ମଧ୍ୟ। ଏ ସମସ୍ତ ସଭ୍ୟ ସମାଜର ତିନି ଗୁଣ ସମତା, ମମତା ଓ ସ୍ୱତନ୍ତ୍ରତାକୁ ବ୍ୟାହତ କରେ। ମନୁଷ୍ୟଠାରୁ ମନୁଷ୍ୟକୁ ପୃଥକ କରୁଥିବା କୌଣସି ବିଚାର କଦାପି ମାନବୀୟ ଓ ଯଥାର୍ଥ ହୋଇ ନପାରେ। ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କରେ ଜାତିକୁ ନେଇ ସାମାଜିକ ବିଭାଜନ ଅନେକ ମାତ୍ରାରେ ସମାପ୍ତ ହୋଇଛି। ସେମାନେ ଐକ୍ୟବଦ୍ଧ ସମାଜରେ ବିଶ୍ୱାସ କରନ୍ତି। ସେଠାରେ ମଧ୍ୟ ଦିନେ ବିଭିନ୍ନ ଗୋଷ୍ଠୀ ଓ ଉପଗୋଷ୍ଠୀମାନ ଥିଲା, କିନ୍ତୁ ସଭ୍ୟତାର ବିକାଶ ପଥରେ ସେମାନେ ଏ ପ୍ରକାର ସାମାଜିକ ବିଭାଜନକୁ ଇତିହାସର ପୃଷ୍ଠାରେ ଛାଡି ଆସିଛନ୍ତି। ଏହା ଭରତବର୍ଷ ସହିତ ଅନ୍ୟ ସମସ୍ତ ଜାତି ଜର୍ଜରିତ ଦେଶପାଇଁ ଅନୁକରଣୀୟ ବିଷୟ ନିଶ୍ଚୟ। ଆଭ୍ୟନ୍ତରୀଣ ସଂଘର୍ଷ ସର୍ବଦା ବିକାଶର ବାଧକ।

ଜାତିର ରାଜନୈତିକ ବ୍ୟବହାର ପରିସ୍ଥିତିକୁ ଆହୁରି ଜଟିଳ କରୁଛି। ଏହାର ଅନେକ ପ୍ରକାର ପ୍ରୟୋଗ ରହିଛି। ଗୋଟିଏ ଜାତିକୁ ଆଉ ଗୋଟିଏ ଜାତି ବିରୁଦ୍ଧରେ ଉସୁକାଇ ଲଢ଼େଇ ଲଗାଇ ରାଜନୈତିକ ସମର୍ଥନ ପାଇବାର ଚେଷ୍ଟା ହୁଏ। ଜାତି ଆଧାରରେ ଗୋଟିଏ ଦୁଇଟି ଜାତି ଦେଶର ଅଥବା ଗୋଟିଏ ଅଞ୍ଚଳର ଶାସନ ଓ ପ୍ରଶାସନ ବ୍ୟବସ୍ଥାକୁ ନିଜ କବଜାରେ ରଖିବାର ଚେଷ୍ଟା ହୁଏ। ପୁଣି ଜାତି ଆଧାରରେ କେତେକ ଜାତିକୁ ସମାନ ଅଧିକାରରୁ ବଞ୍ଚିତ କରିବାର ପ୍ରୟାସ କରାଯାଏ। ଏପରି ଜାତିଗତ ପ୍ରତିଯୋଗିତା ଜାତିଗତ ବୈରୀତାକୁ ଅଧିକ ଘନୀଭୂତ କରେ। ଏହା ଛଡା ଜାତି ପରିଚୟର ସରକାରୀ ସ୍ୱୀକୃତି ଏକ ସ୍ଥାୟୀ ଜାତିଗତ ବିଭେଦକୁ ଜନ୍ମ ଦେଇଛି। ଶାସକ ଓ ପ୍ରଶାସକ ଗୋଷ୍ଠୀ ଜାତି ଚେତନାକୁ ଜାଗ୍ରତ କରିଆସିଛନ୍ତି। ଫଳରେ ସମସ୍ତେ ଜାତି ଚେତନା ଜାଗ୍ରତ ଓ ଜାତି ପରିଚୟ ପାଇଁ ଲଢ଼ିବାରେ ବ୍ୟସ୍ତ। ଜାତି ପରିଚୟକୁ କିପରି ଆହୁରି ଶାଣିତ କରାଯାଇ ପାରିବ ସେଦିଗରେ ପ୍ରାୟ ସମସ୍ତେ ଲାଗିଛନ୍ତି। ଆଜି ଜାତିବିହୀନ ସମାଜ ତିଆରି କରିବା ଗୋଷ୍ଠୀ କୁଆଡେ ହଜି ଯାଇଛନ୍ତି, ଆଉ ଦେଖାଯାଉ ନାହାଁନ୍ତି।

ଧର୍ମକୁ ନେଇ ବିଶ୍ୱରେ ତଥା ଦେଶରେ ବିବାଦ ଚାଲିଛି। ଏବେ ଜାତିକୁ ନେଇ ଲଢେଇ ଦେଖା ଦେଇଛି। ଭାରତବର୍ଷ ପାଇଁ ଏହା ଅଧିକ ଚିନ୍ତାର ବିଷୟ। କାରଣ ବିଶ୍ୱର ଯେକୌଣସି ରାଷ୍ଟ୍ର ଅପେକ୍ଷା ଭାରତବର୍ଷରେ ଜାତି ବିଭାଜନ ସର୍ବାଧିକ। ଏ ବିଭାଜନ ପୁଣି ବିଭିନ୍ନ ପ୍ରକାରର। ଆଦିବାସୀ ଅଣଆଦିବାସୀ, ସବର୍ଣ୍ଣ ଅସବର୍ଣ୍ଣ, ଆର୍ଯ୍ୟ ଅନାର୍ଯ୍ୟ, ଆର୍ଯ୍ୟ ଦ୍ରାବିଡ଼, ହିନ୍ଦୁ ଅଣହିନ୍ଦୁ, ସ୍ପୃଶ୍ୟ ଅସ୍ପୃଶ୍ୟ, ପାଣିଚଳ ଅପାଣିଚଳ ଏହିପରି ଅନେକ ବିଭାଜନ ରହିଛି। ଏହି ବିଭାଜନ ପଛରେ ବୈରୀ ଭାବନା ସ୍ପଷ୍ଟ ପ୍ରକାଶିତ ହୁଏ। ଏହାବାଦେ ଦେଶରେ ପାଖାପାଖି ସାତହଜାର ଜାତି ରହିଛି। ଚାରୋଟି ମୂଳ ଜାତିରୁ ଏହି ଜାତିଗୁଡିକର ସୃଷ୍ଟି ହୋଇଛି। ସେଗୁଡିକ ହେଉଛି ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର। ସମସ୍ତେ ନିଜ ଆଇଡେଣ୍ଟିଟି ବା ପରିଚୟ ପାଇଁ ବ୍ୟଗ୍ର। ସମ୍ବିଧାନ ଜାତିକୁ ସ୍ୱୀକୃତି ଦେଇଛି ଜାତିକୁ ପ୍ରତିହତ କରିବା ପାଇଁ, ଜାତିବିହୀନ ସମାଜ ଗଠନ ପାଇଁ। ବିଭିନ୍ନ ଜାତିଗୋଷ୍ଠୀ ତିଆରି କରି ତାଙ୍କ ଆର୍ଥିକ ଓ ସାମାଜିକ ବିକାଶ ଜରିଆରେ ଏକ ସମତାଭିତ୍ତିକ ସମାଜ ଗଠନର ପରିକଳ୍ପନା ସମ୍ବିଧାନର ପ୍ରଣେତାମାନେ କରିଯାଇଛନ୍ତି। ସମତାଭିତ୍ତିକ ସମାଜ ଜାତିବିହୀନ ସମାଜ ଗଠନର ମୂଳ ଆଧାର।

ଆଗାମୀ ଭାରତବର୍ଷରେ ଜାତି ଆଇଡେଣ୍ଟିଟି ବା ଜାତି ପରିଚୟର ପ୍ରବଣତା ବହୁ ଜଟିଳ ସମସ୍ୟା ତିଆରି କରିବ। ମଣିପୁର ତୁଲ୍ୟ ଅନେକ ଜାତିଗତ ହିଂସା ସୃଷ୍ଟି ହେବାର ସମ୍ଭାବନା ତିଆରି ହେବ। ଆଜି ଯଦି ଜାତି ଆଇଡେଣ୍ଟିଟି ବା ପରିଚୟରର ଧାରଣା ସମାଜରେ ନଥାନ୍ତା, ତେବେ ମଣିପୁର ପରି ହିଂସା ଘଟଣା ଜାତ ହେବାର ସମ୍ଭାବନା ନଥାନ୍ତା। ଦେଶର ବୁଦ୍ଧିଜୀବୀ ମହଲ ସମେତ ସମସ୍ତ ଦେଶବାସୀ ବିଚାର କରନ୍ତୁ, ଜାତି ଆଇଡେଣ୍ଟିଟି ଆମ ପାଇଁ ଲାଭଦାୟକ କି କ୍ଷତିକାରକ।

ଦର୍ଶନ ବିଭାଗ(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦



# ଦେଶର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲା 'ଭାରତ ଛାଡ ଆନ୍ଦୋଳନ'

## ଗୋପାଳ ମହାପାତ୍ର

ଦେଶ, ଜାତି ବିଶେଷ କରି ଆମ ସମସ୍ତଙ୍କ ପାଇଁ ଅଗଷ୍ଟ ମାସର ଗୁରୁତ୍ୱ ଅଧିକ ରହିଛି। ୧୯୪୨ ମସିହାର ଏଇ ଅଗଷ୍ଟ ମାସରେ ୮ ତାରିଖରେ ମହାତ୍ମା ଗାନ୍ଧୀ ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତ ଛାଡ୍ ଆନ୍ଦୋଳନ ପାଇଁ ଘୋଷଣା କରିଥିଲେ ଓ ୯ ତାରିଖ ଠାରୁ ଦିନକୁ ଭାରତ ଛାଡ୍ ଆନ୍ଦୋଳନର ପ୍ରାରମ୍ଭ ଓ ଅଗଷ୍ଟ କ୍ରାନ୍ତି ଦିବସ ଭାବେ ପାଳନ କରୁଛେ। ଅଗଷ୍ଟ ୧୫ରେ ଆମ ଦେଶ ସ୍ୱାଧୀନ ହୋଇଥିଲା। ଏଣୁ ଏହି ଦିନକୁ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଛି। ୨୦ ତାରିଖକୁ ମଧ ଦେଶରେ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଉଛି। ଏମିତି ଆହୁରି ଅନେକ ସ୍ମରଣୀୟ ଦିବସ ଆମ ପାଇଁ ଅଗଷ୍ଟ ମାସରେ ରହିଛି। ଯେତେବେଳେ ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୁଦ୍ଧରେ ଭାରତ ଛାଡ୍‌ର ଆହ୍ୱାନ ଦେଇଥିଲେ ସେତେବେଳେ ଭାରତର ରାଜନୈତିକ ପରିଦୃଷ୍ୟ କ'ଣ ଥିଲା ସେ ପ୍ରସଙ୍ଗରେ ବିଚାର କରାଯିବା ଆବଶ୍ୟକ। ସେତେବେଳେ ଦେଶରେ ହିନ୍ଦୁ-ମୁସଲିମ ବିବାଦ ମଧ ଚରମ ସୀମାରେ ପହଞ୍ଚିଥିଲା। ମୁସଲିମ୍ ଲିଗ୍ ପାକିସ୍ତାନ ଗଠନ ପାଇଁ ୧୯୪୦ରୁ ଘୋଷଣା କରି ସାରିଥିଲା। ସାବରକରଙ୍କ ନେତୃତ୍ୱରେ କଠୋରପନ୍ଥୀ ହିନ୍ଦୁ ଗୋଷ୍ଠୀ ଯାହାଙ୍କର ପ୍ରଭାବ ବଙ୍ଗଳା ଏବଂ ସିନ୍ଧ ଅଞ୍ଚଳରେ ଥିଲା ସେମାନେ ଦ୍ୱି ରାଷ୍ଟ୍ରୀୟ ସିଦ୍ଧାନ୍ତ (ଭାରତ-ପାକିସ୍ତାନ) ଉପରେ ସହମତ ଥିଲେ। ଏପରିକି ସାବରକରଙ୍କ ନେତୃତ୍ୱରେ ଦ୍ୱିତୀୟ ବିଶ୍ୱଯୁଦ୍ଧରୋ ଇଂରେଜ (ଇଂଲଣ୍ଡ)କୁ ସହଯୋଗ କରିବା ପାଇଁ ସେନାରେ ସାମିଲ୍ ହେବା ପାଇଁ ଅଭିଯାନ ଚାଲିଥିଲା। ହିନ୍ଦୁତ୍ୱବାଦୀ "ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଭାବୁଥିଲା ଯେ ଇଂରେଜ ମାନେ ସ୍ୱତଃ ଭାରତ ଛାଡି ଚାଲିଯିବେ ଏଣୁ ପ୍ରୟାସ କରିବାର ଆବଶ୍ୟକତା ନାହିଁ। ସଂଘ ମଧ ଗାନ୍ଧୀଙ୍କ ଅହିଂସା, ସତ୍ୟାଗ୍ରହ, ଉପବାସକୁ ରଚନାତ୍ମକ କାର୍ଯ୍ୟକ୍ରମ ବୋଲି ଭାବୁନଥିଲା।

ଇଂରେଜ ଶାସକ ୧୯୩୯ ସେପ୍ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଭାରତୀୟ ନେତା ମାନଙ୍କ ସହ ବିଚାର ବିମର୍ଶ ନକରି ଭାରତକୁ ଯୁଦ୍ଧରେ ସାମିଲ୍ କରିଦେଇଥିଲେ। ସେତେବେଳେ ଦେଶର ସ୍ୱାଧୀନତା ପାଇଁ ଲଢେଇ କରୁଥିବା କଂଗ୍ରେସ କିନ୍ତୁ ଏହାକୁ ବିରୋଧ କରୁଥିଲେ। କଂଗ୍ରେସ ଚାହୁଁଥିଲା ଇଂରେଜ ଶାସକ ଯୁଦ୍ଧ ଏବଂ ଶାନ୍ତି ପ୍ରସଙ୍ଗରେ ତାଙ୍କ ଉଦ୍ଦେଶ୍ୟକୁ ସ୍ପଷ୍ଟ କରନ୍ତୁ। କିନ୍ତୁ ତତ୍‌କାଳୀନ ଭାଇସରାୟ ଏ ବାବଦରେ ସଠିକ୍ ଉତ୍ତର ଦେଇନଥିଲେ। କଂଗ୍ରେସ କାର୍ଯ୍ୟକାରୀ କମିଟି ଭାଇସରାୟଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇପାରିନଥିଲା। କିନ୍ତୁ କଂଗ୍ରେସର ସହାନୁଭୂତି ମିତ୍ରରାଷ୍ଟ୍ରଙ୍କ ପ୍ରତି ଥିଲା ଓ ଯୁଦ୍ଧ ପ୍ରସଙ୍ଗରେ କୌଣସି ବାଧା ସୃଷ୍ଟି କରିନଥିଲା। ଅନ୍ୟପକ୍ଷରେ ଗାନ୍ଧୀ ଯୁଦ୍ଧର ସପକ୍ଷରେ ନଥିଲେ ଓ ତାଙ୍କ ମୂଳ ସିଦ୍ଧାନ୍ତ ଅହିଂସାକୁ ଛାଡିବାକୁ ପ୍ରସ୍ତୁତ ନଥିଲେ। ଭାରତର ଜନସାଧାରଣଙ୍କ ମଧ୍ୟରେ ଇଂରେଜ ଶାସନ ପ୍ରତି ବିଦ୍ୱେଷ ମନୋଭାବ ଥିଲେ ମଧ ସରକାରକୁ ବିରୋଧ କରିପାରିନଥିଲେ। ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭକୁ ନେଇ ଗାନ୍ଧୀ ଓ କଂଗ୍ରେସ ନେତାଙ୍କ ମଧ୍ୟରେ ମତଭେଦ ଥିଲା। ଗାନ୍ଧୀଙ୍କ ପରାମର୍ଶକୁ ବିରୋଧ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତକୁ ସ୍ୱାଧୀନତା ଦେବାର ସର୍ତ୍ତରେ ସଶସ୍ତ୍ର ସହଯୋଗ କରିବା ପାଇଁ କଂଗ୍ରେସ ଇଂରେଜ ସରକାରକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ଯେତେବେଳେ ଇଂରେଜ ସରକାର କଂଗ୍ରେସର ପ୍ରସ୍ତାବକୁ ଏଡାଇ ଦେଲେ ସେତେବେଳେ କଂଗ୍ରେସ ପୁନଃ ଗାନ୍ଧୀଙ୍କ ପରାମର୍ଶ ଲୋଡିଥିଲା। ଗାନ୍ଧୀ ସତ୍ୟାଗ୍ରହ ଆରମ୍ଭ କରିଥିଲେ ଓ ଇଂରେଜ ସରକାର ବିନୋବା ଭାବେଙ୍କୁ ପ୍ରଥମ ସତ୍ୟାଗ୍ରହୀ ଭାବେ ୧୯୪୦ ଅକ୍ଟୋବର ୨୧ ତାରିଖରେ ଗିରଫ କରିଥିଲେ ଓ ପରେ ସମସ୍ତ ସତ୍ୟାଗ୍ରହୀଙ୍କୁ ଗିରଫ କରିଥିଲେ। ଯେତେବେଳେ ଭାରତୀୟ ମାନେ ଜାପାନ ବିରୁଦ୍ଧରେ ଲଢେଇରେ ଭାଗନେଲେ ଓ ମିତ୍ର ଶକ୍ତିର ବିଜୟ ଆଶା ଦେଖାଦେଲା ସେତେବେଳେ ଇଂରେଜ ସରକାର ସମସ୍ତ ସତ୍ୟାଗ୍ରହୀଙ୍କୁ ଜେଲରୁ ମୁକ୍ତ କରିଦେଇଥିଲେ।

ଯୁଦ୍ଧ ବେଳେ ଜାପାନର ଯୁଦ୍ଧ ବିମାନ ଭାରତୀୟ ସେନାର ପାଖାପାଖି ଚେନ୍ନାଇ ଠାରୁ ବଙ୍ଗଳା ପର୍ଯ୍ୟନ୍ତ ଉଡାଣ କରୁଥିଲା। ଏହି ସ୍ଥିତି ସରକାର ଓ କଂଗ୍ରେସ ପାଇଁ ଚିନ୍ତାର ବିଷୟ ଥିଲା। ସେତେବେଳେ ବିଦେଶୀ ଗଣମାଧ୍ୟମ ବିଶେଷ କରି ଆମେରିକୀୟ ସମ୍ବାଦପତ୍ରରେ ଇଂଲଣ୍ଡର ଭାରତ ନୀତିକୁ ସମାଲୋଚନା କରାଯାଉଥିଲା। ୧୯୪୨ରେ ଇଂରେଜ ସରକାର କ୍ରିପ୍ସଙ୍କ ନେତୃତ୍ୱରେ ଏକ ଦଳକୁ ଭାରତରେ କଂଗ୍ରେସ ଓ ମୁସଲିମ୍ ଲିଗ୍‌ର ନେତାମାନଙ୍କ ସହ ଆଲୋଚନା ପାଇଁ ପଠାଇଥିଲେ। କଂଗ୍ରେସ କ୍ରିପ୍ସଙ୍କ ପ୍ରସ୍ତାବକୁ ସ୍ୱୀକାର କରିନଥିଲା କାରଣ କ୍ରିପ୍ସଙ୍କ ପ୍ରସ୍ତାବରେ ଭାରତୀୟଙ୍କୁ ତୁରନ୍ତ ଉତ୍ତରଦାୟିତ୍ୱ ପ୍ରଦାନ କରିବାର କୌଣସି ବିଚାର ନଥିଲା। ଗାନ୍ଧୀ କ୍ରିପ୍ସଙ୍କ ପ୍ରସ୍ତାବକୁ ମଧ ସମାଲୋଚନା କରିଥିଲେ। କିନ୍ତୁ ସେତେବେଳର ଅବସ୍ଥାକୁ ଦେଖି ୧୯୪୨ ମସିହା ଏପ୍ରିଲ ୨୭ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ବସିଥିଲା। ଏହି ବୈଠକରେ ଗାନ୍ଧୀ ଅନୁପସ୍ଥିତ ଥିଲେ। ଗାନ୍ଧୀ ଭଉଣୀ ମୀରାଙ୍କ ମାର୍ଫତରେ ପଠାଇଥିବା ପ୍ରସ୍ତାବକୁ କଂଗ୍ରେସ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥିଲା। ୧୯୪୨ ମସିହା ଜୁଲାଇ ୭ ତାରିଖରେ ପୁଣି କାର୍ଯ୍ୟକାରୀ କମିଟିର ବୈଠକ ବସିଥିଲା ଓ ଅନେକ ବିଚାର ବିମର୍ଶ ପରେ "ଇଂରେଜ ଭାରତ ଛାଡ" ପ୍ରସ୍ତାବ ଗୃହୀତ ହୋଇଥିଲା। ଗାନ୍ଧୀ ତାଙ୍କ ଅକାଟ୍ୟ ତର୍କରେ ନେହେରୁଙ୍କ ସମେତ ଅନ୍ୟ ନେତାମାନଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଏହି ପ୍ରସ୍ତାବ ଅନୁସାରେ ଅଗଷ୍ଟ ୭ ଓ ୮ ତାରିଖରେ ମୁମ୍ବାଇରେ କଂଗ୍ରେସ ମହାସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଭାରତବାସୀଙ୍କୁ କର ବା ମର ଆହ୍ୱାନ ଦେଇଥିଲେ। ୯ ତାରିଖ ଦିନ ଗାନ୍ଧୀଙ୍କ ସମେତ କଂଗ୍ରେସର ଅନ୍ୟ ନେତାମାନଙ୍କୁ ଇଂରେଜ ସରକାର ଗିରଫ କରିଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ବର୍ଷା

### କୈଳାସ ବେହେରା

ଏବେ ବୋଧେ ବର୍ଷା ହେବ
ଆକାଶରେ ଘୋଟିଆସିଲାଣି
କଳାହାଣ୍ଡିଆ ମେଘ
ସୁଲୁସୁଲିଆ ପବନ
ଉଲ୍ଲସାଇ ଦେଉଛି ଦେହ ।
ଶୀତଳ ଚୁମ୍ବନରେ
ମାଟିର ପଣତ ସାରା
ବର୍ଷା ଆଙ୍କିବ ସବୁଜିମା,
ମେଘ ଛୁଇଁବାକୁ ହାତ ବଢାଇ
ଆକାଶ ଆଡକୁ ଉହୁଙ୍କି ପଡିବ
କଦମ୍ବ ମୁକୁଳ,
କୁଳୁକୁଳୁ ସଂଗୀତ ଗାଇବ
ଶୁଖାରୁଖା ନଈ
ବର୍ଷାର ରୁମଝୁମ୍ ଶବ୍ଦରେ
ଚାଲି ଶିଖିବ ସାଧବବୋହୂ
ତାର ମଖମଲି ନାଲି ପାଟରେ
ନଥିବ ବର୍ଷାର ଛୁଆଁ
ସତରେ ବର୍ଷାର ଛୁଆଁରେ
କେତେ ଥାଏ ଶୀତ
କେତେଥାଏ ନିଆଁ !
ଖେତରୁ ଶୁଭିବ ଚାଷୀ ଭାଇର
ବେସୁରା ଗୀତ
ମାଟି କାଦୁଅରୁ ଉତ୍ତୁରି ପଡିବ
ସୁନାର ଫସଲ
ପୂରିଉଠିବ,
ରାଜାର ଅମାର, ଆଉ
ଯୋଗୀର ଲାଉଥାଳ ।

ସା/ପୋ:ବାଲକଟି, ଜି:ଖୋର୍ଦ୍ଧା
ମୋ:୯୩୩୭୯୬୦୯୧୮

## ବର୍ଷା

### ରାମଚନ୍ଦ୍ର ବେହେରା



ତୁମ ପ୍ରତୀକ୍ଷାରେ...
ଚଇତି ସଂଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ
ମୃଦୁ ମଳୟର ଧୀର ସମୀରଣ
ଚୁପି ଚୁପି କାନେ କୁହେ...

କେତେ ଅଭିଳାଷା ଅସରନ୍ତି ଆଶା
ହୃଦୟେ ଖେଳଇ ଦୋଳି
କୁହୁତାନ ସୁରେ ଆସ ତୁମେ ଧୀରେ
ଦିଅ ପ୍ରୀତି ପୁଷ୍ପ ଢାଳି
ଅତୀତର ଯେତେ ଆଖି ମିଶା ଗପ
ସପନରେ ନାଚୁଥାଏ
ଚଇତି ସଂଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ।

କୁମୁଦ ଖେଳଇ ଲୁଚକାଳୀ ଖେଳ
ସରସୀ ନିର୍ମଳ ଜଳେ
ଅସ୍ତରାଗ ରବି ମୁରୁକି ହସଇ
ଦୂର ଦିଗବଳୟ ତଳେ
ତୁମ ଆଶ୍ୱାସନା ହସର ଇଂଗିତ
ମୋ ମନକୁ ଛୁଇଁଯାଏ
ଚଇତି ସଂଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ।

ଭାବନାରେ ଭିଜି ଗଲିଣି ମୁଁ ହଜି
ତୁମ କଥା ଭାବି ଭାବି
ଉଦାସ ମନରେ ଯେ ଆସଇ ପାଶେ
ଦେଖାଦିଏ ତୁମ ଛବି
ଝରକା ସେ ପାଖ ଚମ୍ପାର ସୁଗନ୍ଧେ
ମନ ଆନ୍ଦୋଳିତ ହୁଏ
ଚଇତି ସଂଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଝିଅ ପାଇଁ କେତେ ପଦ

### ଜିତୁ ପ୍ରଧାନ



ଶିମୁଳି ତୁଳା ପରି କଅଁଳ
ହାତକୁ ତୋର କାମରଶାଳରେ
ସେକି ଦେ ଲୋ ଝିଅ, କିଏ ଜାଣେ
କେତେବେଳେ ତୋତେ
ଦଶ ଭୂଜା ହେବାକୁ ପଡ଼ିବ ।

ବିଦିର୍ଣ୍ଣ ମାଟିରୁ ଖୋଲି ଦବୁ
ତୋ ଅଗ୍ନିର ତୃତୀୟ ଆଖି
ଛାତିରୁ ଖୋଲି ଦବୁ ଧୌର୍ଯ୍ୟର ସାଞ୍ଜୁ
ମନରୁ ପୋଛି ପାରିବୁ ଯଦି ପୋଛି
ଦେ
ଯନ୍ତ୍ରଣା ଯାତନା ସହିବାର ବୋଝ
ପାରିବୁ ଯଦି ଦଳିଦେ କୁଳ କଳଙ୍କ
ମାନଙ୍କୁ ।

କଞ୍ଚା ମାଟି କଣ୍ଢେଇ
ଆଞ୍ଚ ଅଡ଼ ନିଆଁରେ ପୋଡ଼ିଗଲାପରେ
ଆଉ ମାଟି ହେଇ ପାରେନାରେ ଝିଅ
ନିଜକୁ ପାରିବୁ ଯଦି ନିଆଁ ଆଞ୍ଚ
ଖୁଆଇ
ଶକ୍ତ କରିନେ ତୋ ଭବିଷ୍ୟତ ପାଇଁ
ତୁ ନିଜକୁ ହିଁ ନିଜେ ଲୁଚାଇ ଦେ
ତୋ ବକ୍ଷ ଭିତରେ, ଲୁଚାଇ ଦେ
ପ୍ରେମର ପ୍ରସ୍ତାବିତ ହାତ
ଅନ୍ୟ ପୁରୁଷ ଜଣକ ଛୁଇଁବା ଆଗରୁ।

ପାରିବୁ ଯଦି ନିଜ ସହ ନିଜେ
ଲଢେଇ କରିବା ଶିଖିନେ, ବଞ୍ଚିବା
ଶିଖିନେ
ତୋ ଦେହରୁ ନିଗାଡ଼ି ଦେ ଯେତେ
ସବୁ
ଆଦିମ ସଭ୍ୟତାର ଲୁହ ଲହୁ, କଥା
କହିବା
ଶିଖ୍ ଝିଅ ତୋ ପାଇଁ ତୁ ପାଲଟିବୁ
ଶକୁନିର ପଶା କାଠି ।

କୃଷ୍ଣା ପାଲଟିବା ଆଗରୁ
ପରଖି ନେ ପାଣ୍ଡବଙ୍କୁ, ରାଜସଭାରେ
କୃଷ୍ଣମାନେ ମୁକ ହେବା ଆଗରୁ
ଜଣାଇ ଦେ
ତୋ ଦେହ ଓ ଦାହର ପରିସ୍ଥିତି ।

ଭୁଲିଯା ତୁ ପଦ୍ମାଳୟା ବୋଲି
କେବେଠାରୁ ତୋ ହାତରେ ଶୋଭା
ପାଇଲାଣି
ମୁଣ୍ଡକଟା ତରବାରୀ,
ତୁ ନିଜକୁ ନିଜେ ସଜାଇ ନେରେ ଝିଅ
ତୋ ଗର୍ଭରୁ ଜନ୍ମଦେ ଅଭିମନ୍ୟୁ
ମୁକ୍ତିଦଉ କୁରୁକୁଳ, ପାରିବୁ ଯଦି
ଦିନେ ତୁ
ଖୋଲି ଦବୁ ମତୃତ୍ୱର ଡୋରି
ପାଲଟିବୁ ନିଜେ ନିଜର ରକ୍ଷାକାରୀ ।

ମୃଗତୃଷ୍ଣା ମାଗିବୁନି ଝିଅ
ତୁ ନିଜେ କସ୍ତୁରୀ ମୃଗ, ନିଜ ଭିତରୁ
ପୋଡ଼ିଦବୁ ମାୟାମୃଗ ମରୀଚିକା
ହେବାର ଅଭିନୟ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ର
ଉତ୍କଳ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର
ମୋ - ୭୬୮୧୦୪୪୮୬୪

# ‘ଜେଲର’ ଚଳଚ୍ଚିତ୍ର ରିଲିଜ୍ ପାଇଁ ବେଙ୍ଗାଲୁରୁ ଓ ଚେନ୍ନାଇରେ କଲେଜ, ଅଫିସ୍ ବନ୍ଦ




ରଜନୀକାନ୍ତଙ୍କ ଅଭିନୀତ ଚଳଚ୍ଚିତ୍ର ‘ଜେଲର’ ରିଲିଜ୍ ହେଉଥିବାରୁ ଆଜି ଚେନ୍ନାଇ ଓ ବେଙ୍ଗାଲୁରୁରେ ଥିବା କଲେଜ ଓ ଅଫିସ୍ ସବୁ ଛୁଟି ଘୋଷଣା କରିଛନ୍ତି ବୋଲି ‘ଟାଇମ୍ସ୍ ନାଓ଼’ ରିପୋର୍ଟ କରିଛି।
ଉକ୍ତ ଚଳଚ୍ଚିତ୍ର ଦେଖିବାକୁ ଅଧୈର୍ଯ୍ୟ ହୋଇ ଅପେକ୍ଷା କରିଥିବାରୁ କେତେକ କମ୍ପାନିର କର୍ମଚାରୀମାନଙ୍କୁ ସେମାନଙ୍କ ମାଲିକମାନେ ଟିକେଟ ବିତରଣ କରିଥିବା କଥା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।
ପ୍ରଥମ ଦିନ ସୋ’ ପୂର୍ବରୁ ଅଗ୍ରୀମ ବୁକିଙ୍ଗ୍ ହୋଇଥିବା ଟିକେଟ୍‌ର ପରିମାଣ ଦର୍ଶାଉଛି ଯେ, ରଜନୀକାନ୍ତଙ୍କ ପ୍ରଶଂସକମାନେ କିଭଳି ଏହି ଚଳଚ୍ଚିତ୍ର ଦେଖିବାକୁ ଅତିଶୟ ଆଗ୍ରହୀ ହୋଇ ଉଠିଛନ୍ତି।
‘ସାକ୍‌ନିଲ୍‌କ୍ ଡଟ୍ କମ୍’ ରିପୋର୍ଟ କରିଛି ଯେ, ବୁକିଙ୍ଗ୍ ମାଧ୍ୟମରେ ଭାରତରେ ଏହି ଚଳଚ୍ଚିତ୍ର ୧୨.୮ କୋଟି ଟଙ୍କା ଉପାର୍ଜନ କରିଛି। ଚଳଚ୍ଚିତ୍ରର ତାମିଲ ‘ଭର୍ସନ୍’ ଜରିଆରେ ତାମିଲନାଡୁରୁ ଆୟ ହୋଇଛି ୧୧.୭ କୋଟି ଓ ତେଲୁଗୁ ‘ଭର୍ସନ୍’ ଜରିଆରେ ଆୟ ହୋଇଛି ୧.୧ କୋଟି ଟଙ୍କା।
ଏହି ଅବସରରେ ଗୋଟାଏ କମ୍ପାନି ଜାରି କରିଥିବା ‘ଛୁଟି ଘୋଷଣା’ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ସେଥିରେ ଉଲ୍ଲେଖ ଅଛି ଯେ, ମାନବ ସମ୍ବଳ ବିଭାଗରେ ଗଦା ହୋଇଥିବା ଛୁଟି ଦରଖାସ୍ତ ମଞ୍ଜୁରି ଏଡ଼ାଇବା ପାଇଁ କମ୍ପାନି ଏହି ଛୁଟି ଘୋଷଣା କରିଛି। ଏହାଛଡ଼ା, ଆମେ କର୍ମଚାରୀମାନଙ୍କୁ ଉକ୍ତ ଚଳଚ୍ଚିତ୍ର ଦେଖିବା ଲାଗି ମାଗଣାରେ ଟିକେଟ୍ ବଣ୍ଟନ କରିଛୁ। ଉଲ୍ଲେଖଯୋଗ୍ୟ, ୨ ବର୍ଷର ବ୍ୟବଧାନ ପରେ ରଜନୀକାନ୍ତଙ୍କୁ ଚଳଚ୍ଚିତ୍ର ‘ଜେଲର’ ମାଧ୍ୟମରେ ପୁଣି ଥରେ ସିନେମା ପର୍ଦାରେ ଦେଖିବାର ସୁଯୋଗ ମିଳିଛି। ଏଥିରେ ସେ ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଚରିତ୍ରରେ ଅଭିନୟ କରିଛନ୍ତି।

# ୩ମାସ ପରେ ସୀମାଙ୍କ ଅଭିନୀତ ପ୍ରଥମ ସିନେମା ରିଲିଜ ହେବ: ନିର୍ଦ୍ଦେଶକ

ଭାରତୀୟ ପ୍ରେମିକ ପାଇଁ ପାକିସ୍ତାନରୁ ଭାରତ ଚାଲି ଆସିଥିବା ସୀମା ହାଇଦରଙ୍କୁ ନେଇ ସିନେମା ରିଲିଜ ହେବା ଖବର ଆସିବା ପରଠାରୁ ଚର୍ଚ୍ଚା ଜୋର ଧରିଛି। ପାକିସ୍ତାନୀ ନାଗରିକ ସୀମା ହାଇଦରଙ୍କ ପ୍ରଥମ ସିନେମା ଖୁବଶୀଘ୍ର ରିଲିଜ ହେବ ବୋଲି ଜାନି ଫାୟାରଫୋକ୍ସର ପ୍ରଡକସନ ହାଉସର ପରିଚାଳକ ନିର୍ଦ୍ଦେଶକ ଅମିତ ଜାନି ସୂଚନା ଦେଇଛନ୍ତି। ଅମିତ ଜାନି କହିଛନ୍ତି, ସେ ସୀମାଙ୍କୁ ତାଙ୍କ ‘ଏ ଟ୍ରେଲର ମର୍ଡର ଷ୍ଟୋରି’ରେ ରଅ ଏଜେଣ୍ଟର ରୋଲ ଅଫର କରିଛନ୍ତି। ଏହି ରୋଲ କରିବା ପାଇଁ ସୀମା ବି ରାଜି ଅଛନ୍ତି। କିନ୍ତୁ ସେ କହିଛନ୍ତି, ‘‘ଯେପର୍ଯ୍ୟନ୍ତ ତାଙ୍କର ମାମଲା ଚାଲିଛି, ସେ ସିନେମାରେ ଅଭିନୟ କରି ପାରିବେ ନାହିଁ।’’ ସେପ୍ଟେମ୍ବରରେ ସିନେମାର ସୁଟିଂ ଆରମ୍ଭ ହେବାର ଯୋଜନା ଥିବା ବେଳେ ନଭେମ୍ବରରେ ଏହା ରିଲିଜ ହେବାର ଆଶା ରଖାଯାଇଛି। ସିନେମା ‘ଏ ଟ୍ରେଲର ମର୍ଡର ଷ୍ଟୋରି’ ରାଜସ୍ଥାନର ଉଦୟପୁରରେ ହୋଇଥିବା ଟ୍ରେଲର କହ୍ନେୟା ଲାଲ ହତ୍ୟାକାଣ୍ଡ ଉପରେ ଆଧାରିତ ହୋଇଛି। ଏଥିସହିତ ସୀମା ଓ ସଚିନଙ୍କୁ ନେଇ ଏକ ସିନେମା ନିର୍ମାଣ କରିବାକୁ ଅମିତ ଜାନି ସ୍ଥିର କରିଛନ୍ତି।

# ଆଞ୍ଜୁଳାଏ ଅଭିମାନର ଚିତ୍ରକର ପତିତପାବନ ପାଣି



ଓଡିଶା ର ନାଟକ, ଅଭିନୟ,ସାହିତ୍ୟ, ଚିତ୍ରକଳା, ପରମ୍ପରା ଓ ସଂସ୍କୃତି କ୍ଷେତ୍ରରେ ଏକ ଚର୍ଚ୍ଚିତ ଚେହେରା ହେଉଛନ୍ତି ଯୁବ କବି ପତିତପାବନ ପାଣି କ୍ଷ ୧୯୮୬ ମସିହାରେ ସେ ଭଦ୍ରକ ଜିଲାର ଧାମନଗର ଠାରେ ଜନ୍ମଲାଭ କରନ୍ତି । ବର୍ତ୍ତମାନ ଭଦ୍ରକ ସହର ର ଆରଡ଼ି ଛକ ରେ ତାଙ୍କର ସପରିବାର ବାସ କରୁଛନ୍ତି । ତାଙ୍କ ର ପିତା ଅବସର ପ୍ରାପ୍ତ ଶିକ୍ଷକ ଗୌରୀ ଶ୍ୟାମ ପାଣି ଓ ମାତା ବିଦ୍ୟୁତ ପ୍ରଭା ପାଣି । ଭଉଣୀ ଜ୍ୟୋସ୍ନା ରାଣୀ ପାଣି । ଶ୍ରୀ ପାଣିଙ୍କ ଶିକ୍ଷା ଗତ ଯୋଗ୍ୟତା ଏମ ଟେକ କିଟ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର । ଭୁବନେଶ୍ୱର ବର୍ଷା ପବ୍ଲିକେଶନ ର ନିର୍ଦ୍ଦେଶକ କବି ବାଦଲ ମହାନ୍ତି ଙ୍କ ଦ୍ୱାରା ଯୁବ କବି ପତିତପାବନ ପାଣି ଙ୍କ ପୁସ୍ତକ ଆଞ୍ଜୁଳାଏ ଅଭିମାନ ନିକଟରେ ପ୍ରକାଶ ପାଇଛି ଓ ପ୍ରଚୁର ପାଠକୀୟ ପ୍ରଶଂସା ଲାଭ କରିଛି । ଶ୍ରୀ ପାଣି ଙ୍କ ଦ୍ୱାରା ଲିଖିତ ଏକ ସଫଳ କାହାଣୀ ହେଉଛି ଶେଫାଳି । ଏହି ଶେଫାଳି କ୍ଷୁଦ୍ର ଚଳଚିତ୍ର ଭାବେ ଲୋକ ପ୍ରିୟତା ଅର୍ଜନ କରିଛି ଏବଂ ଏହା ୟୁ ଟୁବରେ ରିଲିଜ ହୋଇଛି ଓ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ଓଡ଼ିଆ ଡ୍ରାମା କମ୍ପାନୀ ବ୍ୟାନରରେ ମଧ ଶ୍ରୀ ପାଣିଙ୍କର ଅନେକ ଝଲକ ରହିଛି । ପତିତପାବନଙ୍କର ଅନ୍ୟ ଏକ ସଫଳ ପ୍ରୋଜେକ୍ଟ ହେଲା ଡକୁମେଣ୍ଟରୀ ଫିଲ୍ମ ବେନାମୀ ନକ୍ସାର ପର୍ଣ୍ଣ ମୋଚି । ମୟୁରଭଞ୍ଜ ର ସାନ୍ତାଳୀ ସଭ୍ୟତା କୁ ନେଇ ଏହା ତିଆରି ହୋଇଛି । ଶ୍ରୀ ପାଣି ଇଞ୍ଜିନିଅରିଙ୍ଗ ଛାତ୍ର ହେଲେ ମଧ କଳାତ୍ମକ ଚଳ ଚିତ୍ର ର କାହାଣୀ ଲେଖିବାରେ ଧୁରନ୍ଧର । ବର୍ତ୍ତମାନ ଶ୍ରୀ ପାଣି ବାଙ୍ଗାଲୋର ର ଏକ ସଫ୍ଟ ଓୟାର କମ୍ପାନୀ ରେ ମ୍ୟାନେଜେର ଅଛନ୍ତି । ପତିତପାବନ ଏକା ଧାରରେ କବି, ଗାଳ୍ପିକ, ଅଭିନେତା, ନିର୍ଦ୍ଦେଶକ, ଚିତ୍ରଶିଳ୍ପୀ ଓ ସମାଜ ସେବୀ । ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମକୁ ଅନେକ ସମୟରେ ଶ୍ରୀ ପାଣି ଆର୍ଥିକ ସାହାଯ୍ୟ କରିଥାନ୍ତି ଏବଂ ବୃକ୍ଷ ରୋପଣ କାର୍ଯ୍ୟ କରି ପରିବେଶ ସୁରକ୍ଷା କରିଥାନ୍ତି । ଖୁବ ଶୀଘ୍ର ତାଙ୍କ ର ଏକ ଉପନ୍ୟାସ ପୁସ୍ତକ ପ୍ରକାଶ ପାଇବ । ଅନ୍ତର୍ଜାତୀୟ ସାହିତ୍ୟିକ ମନୋଜ ଦାସଙ୍କ ପୁସ୍ତକ ଶେଷ ତାନ୍ତ୍ରିକର ସନ୍ଧାନରେ, ଲକ୍ଷ୍ମୀର ଅଭିସାର ଓ ସମୁଦ୍ର କୂଳର ଏକ ଗ୍ରାମ ଶ୍ରୀ ପାଣିଙ୍କୁ ପଢିବାକୁ ଖୁବ ଭଲ ଲାଗେ । ମାଟିର ମହାନ କବି ସଚି ରାଉତରାୟଙ୍କ ଛୋଟ ମୋର ଗାଁ ଟି ଶ୍ରୀ ପାଣିଙ୍କୁ ଖୁବ ପ୍ରଭାବିତ କରିଛି । ରଙ୍ଗମଞ୍ଚ ର ସୌଖିନ ନାଟକ ଓ ପଥ ପ୍ରାନ୍ତ ନାଟକ ଶ୍ରୀ ପାଣିଙ୍କ ପସନ୍ଦ । ପୁରାତନ ଓଡ଼ିଆ ସିନେମା ଓ ଯାତ୍ରା ନାଟକକୁ ମଧ ସେ ଆଲୋଚନା କରିଥାନ୍ତି । ପତିତପାବନ ନିଜ ଜୀବନର ସାଧନା ପାଇଁ ପାଇଛନ୍ତି ବିଶ୍ୱ କବି ରବୀନ୍ଦ୍ର ନାଥ ଟାଗୋର ପୁରସ୍କାର, ନିହାର କନ୍ୟା ସାହିତ୍ୟ ସଂସଦ ସମ୍ମାନ, ମାଟି ଲଗ୍ନା ସାହିତ୍ୟ ସଂସଦ ସମ୍ମାନ ୟଙ୍ଗ ଲିଟରାରି ଆୱାର୍ଡ । ବର୍ତ୍ତମାନ ସାହିତ୍ୟରେ ଏକତା ଓ ଆପଣା ପଣର ଅଭାବ ଦେଖା ଦେଇଛି ବୋଲି ଶ୍ରୀ ପାଣି ମତ ପ୍ରକାଶ କରିଛନ୍ତି । ତାଙ୍କର ଦୁଃଖ ହେଉଛି ତାଙ୍କ ମାଆ ପୃଥିବୀ ପୃଷ୍ଠ ରେ ନାହାନ୍ତି। ମାଆ ହେଉଛନ୍ତି ପତିତପାବନଙ୍କର ସାହିତ୍ୟର ପ୍ରେରଣା । ମାଆ ବଂଚିଥିଲେ ଖୁସି ହୋଇଥାନ୍ତେ । ପତିତପାବନ ଖୁବ ସୁନ୍ଦର ଚିତ୍ର ଆଙ୍କନ୍ତି ଏବଂ ହସ ହସ ମୁହଁ ଓ ମିଠା ମିଠା କଥା ରେ ସମସ୍ତଙ୍କୁ ଆପଣାର କରି ନିଅନ୍ତି। ଦେଶପ୍ରେମ, ଜାତୀୟତା ବୋଧ ଓ ରାଷ୍ଟ୍ରୀୟ ଚିନ୍ତାଧାରା ର କାବ୍ୟ କବିତା ଓ ବିଭିନ୍ନ ଲେଖାକୁ ଶ୍ରୀ ପାଣି ସଂଗ୍ରହ କରି ପଢିଥାନ୍ତି । ବ୍ୟାସ କବି ଫକୀର ମୋହନଙ୍କଠାରୁ ଆରମ୍ଭ କରି ସନ୍ଥ କବି ଭୀମ ଭୋଇଙ୍କ ପର୍ଯ୍ୟନ୍ତ, ଉତ୍କଳ ମଣି ଗୋପବନ୍ଧୁ ଙ୍କଠାରୁ ଆରମ୍ଭ କରି ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ, କାନ୍ତ କବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କଠାରୁ ଆରମ୍ଭ କରି କବିବର ରାଧାନାଥ ରାୟ ଙ୍କ ପର୍ଯ୍ୟନ୍ତ ସମସ୍ତ ଙ୍କୁ ପଢିବାକୁ ଚେଷ୍ଟା କରିଥାନ୍ତି ପତିତପାବନ । ଈଶ୍ୱରଙ୍କ କୃପାରୁ ଏହି ମିଷ୍ଟ ଭାଷୀ ତଥା ସରଳ ଚିନ୍ତାଧାରାର ମଣିଷ ଶ୍ରୀ ପତିତପାବନ ପାଣିଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହା ହିଁ କାମନା ।


ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧


# ଶିବବେଶରେ ଦୋକାନୀଙ୍କୁ କଚୋଡ଼ି ମାଗିବା ମହଙ୍ଗା ପଡ଼ିଲା

ଚଳିତ ମାସ ୧୧ ତାରିଖରେ ‘ଓମଏମଜି ଟୁ’ ମୁକ୍ତିଲାଭ କରିବ। ଏହାରି ଭିତରେ ଉଜ୍ଜେନ ମହାକାଳ ମନ୍ଦିରର ପୂଜାରୀମାନେ ସିନେମା ‘ଓମଏମଜି ଟୁ’କୁ ନେଇ ଆପତ୍ତି ଉଠାଇଛନ୍ତି। ମହାକାଳ ମନ୍ଦିରର ପୂଜାରୀମାନଙ୍କ କହିବାନୁସାରେ, ‘ଓମଏମଜି ଟୁ’ ସିନେମାର ଟ୍ରେଲରରେ ଏକ ଦୃଶ୍ୟରେ ଭଗବାନ ଶିବଙ୍କୁ ଦୋକାନରେ କଚୋଡ଼ି କିଣୁଥିବା ଦେଖିବାକୁ ମିଳୁଛି। ଆଉ ଦୋକାନୀଙ୍କୁ ଶିବବେଶରେ ଥିବା ଅକ୍ଷୟ କୁମାର ଆର୍ଶୀବାଦ ଦେବାରୁ ସେ କହିଥିଲେ, ‘‘ଆର୍ଶୀବାଦରୁ କିଛି କାମ ହେବ ନାହିଁ, ଟଙ୍କାର ଆବଶ୍ୟକ ରହିଛି।’’ ଏଭଳି ଆପତ୍ତିଜନ ଦୃଶ୍ୟ ଶିବଭକ୍ତଙ୍କ ମନୋଭାବନାକୁ ଆଘାତ ଦେଇଛି। ଏଥିସହିତ ସିନେମା ଟ୍ରେଲରରେ ଅନେକ ସ୍ଥାନରେ ଭଗବାନ ଶିବଙ୍କୁ ଭୁଲ ଭାବେ ପ୍ରଦର୍ଶିତ କରାଯାଇଥିବା ଦେଖିବାକୁ ମିଳୁଛି, ଯାହାକି ଆଦୌ ଗ୍ରହଣୀୟ ନୁହେଁ। ‘ଓମଏମଜି ଟୁ’ ସିନେମାରେ ଏଭଳି ଆପତ୍ତିଜନ ଦୃଶ୍ୟ ଥିବା ସତ୍ତ୍ୱେ ସେନସର ବୋର୍ଡ ସିନେମାକୁ କିଭଳି ଭାବେ ‘ଏ’ ସାର୍ଟିଫିକେଟ ଦେଲା ସେ ନେଇ ପ୍ରଶ୍ନ ଉଠିଛି । ତେବେ ସିନେମାରେ ଏମିତି ବି କିଛି ଦୃଶ୍ୟ ଅଛି, ଯାହାକି ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି। ଏଥିପାଇଁ ‘ଓଏମଜି ଟୁ’ର ନିର୍ଦ୍ଦେଶକ, ପ୍ରଯୋଜକ, ଅଭିନେତା ଓ ସେନସରବୋର୍ଡକୁ ମହାକାଳ ପୂଜା ସଂଘ ଓ ଅଖିଳଭାରତୀୟ ପୂଜା ସଂଘ ନୋଟିସ ପଠାଇଛି। ଏଥିସହିତ ଫିଲ୍ମରେ ସ୍ଥାନ ପାଇଥିବା ମହାକାଳ ମନ୍ଦିରର ଦୃଶ୍ୟକୁ ହଟାଇବା ସହିତ ଫିଲ୍ମର ନିର୍ଦ୍ଦେଶକ ଏନେଇ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ବି ଦାବି କରାଯାଇଛି।



# ରଣବୀର ସିଂହ ହେବେ ତୃତୀୟ ଡନ୍

ଏଗାର ଦେଶର ପୁଲିସ ଏବେ ଜଣେ ନୂଆ ଡନ୍‌କୁ ଖୋଜିବ। ‘ଡନ୍’ ଶୃଙ୍ଖଳାର ବହୁପ୍ରତୀକ୍ଷିତ ତୃତୀୟ ସଂସ୍କରଣରେ ରଣବୀର ସିଂହ ପୂର୍ବ ଡନ୍ ଶାହରୁଖ ଖାଁଙ୍କ ସ୍ଥାନ ନେବେ। ୧୯୭୮ରେ ସଲିମ-ଜାବେଦ ‘ଡନ୍’ ଚରିତ୍ରର ପରିକଳ୍ପନା କରିଥିଲେ, ଯାହାକୁ ଅମିତାଭ ବଚ୍ଚନଙ୍କ ଅଭିନୟ ଏକ କିଂବଦନ୍ତୀୟ ସ୍ତରକୁ ନେଇଯାଇଥିଲା। ୨୦୦୬ରେ ଫରାନ ‘ଡନ୍’ର ପୁନର୍କଳ୍ପନା କରିଥିଲେ। ସେହି ଚରିତ୍ରକୁ ‘ଡନ୍’ ଓ ‘ଡନ୍ ୨’ ଚଳଚ୍ଚିତ୍ରରେ ଶାହରୁଖ ଖାଁ ପୁଣି ଏକ ନୂଆ ଶୀର୍ଷକୁ ଉନ୍ନୀତ କରିଥିଲେ। ଆଗକୁ ଜଣେ ନୂଆ ଅଭିନେତା ‘ଡନ୍’ର ପରମ୍ପରାକୁ ଆଗେଇନେବେ ବୋଲି ଫରହାନ ମଙ୍ଗଳବାର ଘୋଷଣା କରିଥିଲେ। ସେହି ଅଭିନେତା ଆଉ କେହି ନୁହେଁ, ଦୀପିକାଙ୍କ ପତି ରଣବୀର ବୋଲି ଏବେ ସ୍ପଷ୍ଟ ହୋଇଯାଇଛି।



ରଣବୀରଙ୍କ ଦକ୍ଷତା ଓ ନିପୁଣତାର ପ୍ରଶଂସା କରି ଫରହାନ ଆଶା ପ୍ରକଟ କରିଛନ୍ତି ଯେ ଦର୍ଶକେ ତାଙ୍କୁ ଅମିତାଭ ଓ ଶାହରୁଖଙ୍କ ପରି ଭଲପାଇବା ଦେବେ। ଡନ୍ ରୂପରେ ରଣବୀରଙ୍କର ଏକ ପରିଚୟାତ୍ମକ ଭିଡିଓ ଆସିଛି। ସେଥିରେ ସେ ନିଜ ଶୈଳୀରେ ‘୧୧ ମୁଲ୍‌କୋଁ କି ପୁଲିସ୍...’ ସଂଳାପ କହୁଥିବାର ଶୁଣିବାକୁ ମିଳିଛି। ଶାହାରୁଖଙ୍କୁ ଡନ୍ ରୂପେ ଦେଖିଆସିଥିବା ଅନେକ ପ୍ରଶଂସକ କିନ୍ତୁ ଏଥିରେ ଖୁସି ନାହାନ୍ତି। ଶାହରୁଖଙ୍କ ବିନା ଡନ୍ ଅସଂପୂର୍ଣ୍ଣ ବୋଲି ସେମାନଙ୍କ ମତ। ତଥାପି ରଣବୀର ଯେ ‘ଡନ୍’ ଚରିତ୍ରକୁ ନ୍ୟାୟ ଦେଇପାରିବେ ତାହା ନିଃସନ୍ଦେହ ବୋଲି ଅନ୍ୟ ସିନେପ୍ରେମୀମାନେ କହୁଛନ୍ତି। ୨୦୨୫ରେ ‘ଡନ୍ ୩’ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ଫରହାନ ଅଖତର ଘୋଷଣା କରିଛନ୍ତି।

# ନିଜର ଦାମୀ କାର ସଂଗ୍ରହ ମଧ୍ୟରେ ବିଏମ୍‌ଡବ୍ଲୁଆଇ ୭ ଇଲେକ୍ଟ୍ରିକ୍ ଗାଡ଼ିକୁ ଯୋଡ଼ିଲେ ଜାକ୍‌ଲିନ୍

ଗତ କିଛି ବର୍ଷ ମଧ୍ୟରେ ଅନେକ ହିଟ୍ ଚଳଚ୍ଚିତ୍ର ଦେଇ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଜଣେ ଲୋକପ୍ରିୟ ବଲିଉଡ ଅଭିନେତ୍ରୀ ପାଲଟି ପାରିଛନ୍ତି। ଅଭିନୟ ବ୍ୟତୀତ ଅଭିନେତ୍ରୀ ନିଜର ଫିଟନେସ୍ ଏବଂ ଜୀବନଶୈଳୀକୁ ନେଇ ବି ଚର୍ଚ୍ଚାରେ ରହିଥାନ୍ତି। ଜାକ୍‌ଲିନ୍ ନିଜର ସୁପର ଦାମୀ ବିଳାସପୂର୍ଣ୍ଣ କାର ପ୍ରତି ଥବା ଭଲପାଇବା ପାଇଁ ମଧ ବେଶ୍ ଜଣାଶୁଣା। ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ବିଭିନ୍ନ ପ୍ରକାରର ବିଦେଶୀ କାରର ମାଲିକ ଅଟନ୍ତି ଏବଂ ତାଙ୍କର ସେହି ଦାମୀ କାର ସଂଗ୍ରହରେ ବଲିଉଡ୍ ତାରକା ନିକଟରେ ୨ କୋଟି ଟଙ୍କା ମୂଲ୍ୟର ଏକ ନୂତନ ବିଏମ୍‌ଡବ୍ଲୁଆଇ୭ ଇଲେକ୍ଟ୍ରିକ୍ ବିଳାସପୂର୍ଣ୍ଣ ସେଡାନକୁ ଯୋଡ଼ିଛନ୍ତି। ଅଭିନେତ୍ରୀଙ୍କୁ ଏହା ମଧ୍ୟରେ ତାଙ୍କ ନୂତନ ବିଳାସପୂର୍ଣ୍ଣ କାରରେ ଯାତ୍ରା କରୁଥିବାର ଦେଖିବାକୁ ମିଳିଛି। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ବିଏମ୍‌ଡବ୍ଲୁଆଇ୭ ହେଉଛି ବ୍ରାଣ୍ଡର ଫ୍ଲାଗସିପ୍ ଇଭି ସେଡାନ୍। କାରଟି ଦୁଇଟି ଇଲେକ୍ଟ୍ରିକ୍ ମୋଟର ଦ୍ୱାରା ଚାଳିତ। ୫୫୦ କିଲୋମିଟରରୁ ଅଧିକ ରେଞ୍ଜ୍ ସହିତ, ବିଏମ୍‌ଡବ୍ଲୁଆଇ୭ର ସର୍ବୋଚ୍ଚ ବେଗ ଘଣ୍ଟା ପ୍ରତି ୨୩୯ କିଲୋମିଟର ରହିବ। ବିଏମ୍‌ଡବ୍ଲୁଆଇ୭ ଏବେ ପିଢ଼ିର ବିଏମ୍‌ଡବ୍ଲୁ୭ ସିରିଜ୍ ସହିତ ପ୍ରାୟ ସମାନ। ଏହି କାରରେ ଛାତ ଉପରେ ସ୍ଥାପିତ ଏକ ସିନେମା ପରଦା ମଧ୍ୟ ରହିଛି, ଯାହା ଆମାଜନ ଫାୟାର ଟିଭି ମାଧ୍ୟମରେ ଭିଡିଓ ଷ୍ଟ୍ରିମ୍ କରିପାରିବ। ଯାତ୍ରୀ ଏଚ୍‌ଡିଏମ୍‌ଆଇ ପୋର୍ଟ ମାଧ୍ୟମରେ ପିଏସ୍୫ କୁ ସଂଯୋଗ କରି ଯାତ୍ରା ସମୟରେ ଖେଳକୁ ବି ଉପଭୋଗ କରିପାରିବେ।






# ଗର୍ଭବତୀ ଥାଇ ବି ‘ହାର୍ଟ ଅଫ୍ ଷ୍ଟୋନ’ ପାଇଁ ଆକ୍ସନ ଦୃଶ୍ୟର ସୁଟିଂ କରିଥିଲେ ଆଲିଆ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ବର୍ତ୍ତମାନ ତାଙ୍କର ହଲିଉଡ ଡେବ୍ୟୁ ଫିଲ୍ମ ‘ହାର୍ଟ ଅଫ୍ ଷ୍ଟୋନ’ର ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମରେ ସେ ହଲିଉଡ ସୁପରଷ୍ଟାର ଗଲ ଗଡୋଟଙ୍କ ସହ ଅଭିନୟ କରିଥିବା ବେଳେ ବିଭିନ୍ନ ସ୍ଥାନକୁ ଯାଇ ଫିଲ୍ମର ପ୍ରଚାର କରୁଛନ୍ତି ଆଲିଆ। ଏହି ଫିଲ୍ମଟି ଅଗଷ୍ଟ ୧୧ରେ ନେଟଫ୍ଲିକ୍ସରେ ରିଲିଜ୍ ହେବାକୁ ଥିବା ବେଳେ ସୁଟିଂ ସମୟର କଥା ମନେ ପକାଇଛନ୍ତି ଆଲିଆ। ଏହି ଫିଲ୍ମର ସୁଟିଂ ସମୟରେ ଆଲିଆ ଗର୍ଭବତୀ ଥିଲେ। ହେଲେ ଗର୍ଭବତୀ ଥାଇ ବି ସେ ଫିଲ୍ମରେ ଥିବା ଆକ୍ସନ ଦୃଶ୍ୟର ସୁଟ୍ କରିଥିଲେ ବୋଲି କହିଛନ୍ତି। ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଆଲିଆ କହିଛନ୍ତି, ‘ହାର୍ଟ ଅଫ୍ ଷ୍ଟୋନ’ ଦ୍ୱାରା ମୁଁ ହଲିଉଡରେ ଡେବ୍ୟୁ କରୁଛି। ଏହି ଫିଲ୍ମର ସୁଟିଂ ସମୟରେ ମୁଁ ଗର୍ଭବତୀ ଥିବା ଜାଣିଥିଲି। ହେଲେ ଏହା ସତ୍ତ୍ୱେ ବି ମୁଁ ଫିଲ୍ମର ସୁଟିଂ କରିଥିଲି। ଫିଲ୍ମ ପାଇଁ ଆକ୍ସନ ଦୃଶ୍ୟ କରିସାରିବା ପରେ, ଏହା କରିପାରିଥିବାରୁ ମୁଁ ବହୁତ ଖୁସି ହୋଇଥିଲି। ଫିଲ୍ମର ଟିମ୍ ମୋତେ ଏହା କରିବାରେ ସାହାଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଲିଆ, ଅଭିନେତା ରଣବୀର କପୁରଙ୍କୁ ବିବାହ କରିବା ପୂର୍ବରୁ ଗର୍ଭବତୀ ଥିଲେ। ଏପ୍ରିଲ ୧୪, ୨୦୨୨ରେ ଦୁହେଁ ବିବାହ କରିଥିବା ବେଳେ ନଭେମ୍ବର ୬, ୨୦୨୨ରେ ଝିଅ ରାହାକୁ ଜନ୍ମ ଦେଇଥିଲେ ଆଲିଆ। ବିବାହ ପୂର୍ବରୁ ଗର୍ଭବତୀ ଥିବାରୁ କିଛି ଦିନ ତଳେ ଅଭିନେତ୍ରୀ ତାପସୀ ପନ୍ନୁ ତାଙ୍କ ପରୋକ୍ଷରେ ଟାର୍ଗେଟ କରିଥିବା ଦେଖାଯାଇଥିଲା। ତାପସୀ ତାଙ୍କ ସୋସିଆଲ ମିଡିଆ ପୃଷ୍ଠାରେ ‘ଆସ୍କ ମିଁ ଏନିଥିଙ୍ଗ’ ସେସନ କରିଥିବା ବେଳେ ତାଙ୍କ ପ୍ରଶଂସକମାନେ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ଜଣେ ପ୍ରଶଂସକ ତାଙ୍କୁ ପଚାରିଥିଲେ ଯେ ଆପଣ କେବେ ବିବାହ କରିବେ। ଏହାର ଉତ୍ତରରେ ତାପସୀ କହିଥିଲେ, ମୁଁ ଏଯାଏ ଗର୍ଭବତୀ ହୋଇନାହିଁ। କୌଣସି ତାରିଖ ନକହି ତାପସୀ ଏଭଳି ଜବାବ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

# ରାଉରକେଲା ସ୍ମାର୍ଟ ସିଟିରେ ହେଉନି ଖାଦ୍ୟ ମାନ ଯାଂଚ

ରାଉରକେଲା, ୧୦/୦୭ (ନି.ପ୍ର): ରାଉରକେଲା ସ୍ମାର୍ଟ ସିଟି ଅଂଚଳରେ ଖାଦ୍ୟ ଯାଚଂ ଲାଗି ରହିଛନ୍ତି ଅନେକ ଅଧିକାରୀ। ହେଲେ ସାଧାରଣ ଲୋକେ ବଜାରରୁ ଯେଉଁ ଖାଦ୍ୟ ଖାଉଛନ୍ତି ତାହାର ସଠିକ୍ ମାନ ଯାଂଚ କରାଯାଉନାହିଁ। ବ୍ୟବସାୟୀଙ୍କର ଭୟ ରହୁନାହିଁ ଫଳରେ ବଜାରରେ ନିମ୍ନ ମାନର ଓ ଅପମିଶ୍ରିତ ଖାଦ୍ୟ ବର୍ତ୍ତମାନ ହାଉଯାଉ ହେବାରେ ଲାଗିଛି। ଏନେଇ ସ୍ଥାନୀୟ ସ୍ୱାସ୍ଥ୍ୟବିଭାଗ ଅଧିକାରୀ କହୁଛନ୍ତି ପ୍ଲାନ ଅନୁସାରେ କାମ ହେଉଛି, କମିଶନର କହୁଛନ୍ତି କାମ ଚାଲିଛି ସଠିକ ଖବର ଦେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଉରକେଲାରେ ୧୫ ବର୍ଷ ତଳେ ଜଣେ ମାତ୍ର ଫୁଡ ଇନ୍ସପେକ୍ଟର ଓ ତାଙ୍କର ୨ ସହଯୋଗୀ ରହି କାମ କରୁଥିଲେ। ସେତେବେଳେ ବଜାରରେ ସମସ୍ତ ପ୍ରକାର ଖାଦ୍ୟ ସଠିକ ମାନର ମିଳୁଥିଲା। ସାଂପୁଲ ତଥା ମାମଲା ସଂଖ୍ୟା ମଧ ବେଶ ଅଧିକ ରହୁଥିଲା। ଫଳରେ ବେପାରୀ ଖାଦ୍ୟ ଅପମିଶ୍ରଣରୁ ଦୁରେଇ ରହୁଥିଲେ। ବର୍ତମାନ ଏହା ମହାନଗରର ମାନ୍ୟତା ପାଇଥିବା ବେଳେ ଏଠାରେ ୩ଜଣ ଫୁଡ ସେଫ୍ଟି ଅଫିସର ଓ ଜଣେ ସ୍ୱାସ୍ଥ ଅଧିକାରୀ ଦିର୍ଘ ବର୍ଷ ବର୍ଷ ଧରି ଏଠାରେ ରହିଛନ୍ତି। ସହରରେ ରାସ୍ତା କଡରେ ଚାଲିଥିବା ଫାଷ୍ଟଫୁଡ ସେଂଟର ଗୁଡିକରେ ମଲା କୁକୁଡାରେ ନିମ୍ନ ମାନର ଆରାରୁଟ, ଭେଜାଲ ରଂଗ, ନକଲି ଟମାଟୋ ଚିଲିସସ ସହ ବେନାମୀ ସସ୍ ତଥା ତେଲ ବ୍ୟବହାର କରାଯାଇ ଖାଦ୍ୟ ପ୍ରସ୍ତୁତ କରାଯାଇ ବିଷ ଭଳି ଖାଦ୍ୟକୁ ବିକା ଚାଲିଛି।, ସହରରେ ଅନେକ ବେନାମୀ ବିସ୍କୁଟ, ଚକଲେଟ, ଆଇସକ୍ରିମ, ନମକିନ ପାକେଟ ଓ କୋଲ୍ଡ ଡ୍ରିଙ୍କ ହାଉଯାଉମିଳୁଛି। ସହରର ବାସନ୍ତିକଲୋନୀ, ଛେଣ୍ଡ. ସେକ୍ଟର, ସାରନଗରୀ, ବନ୍ଧମୁଣ୍ଡା ଅଂଚଳ ସମେତ ଗଳିକନ୍ଦି ଅଂଚଳରେ ଥିବା ଜଳଖିଆ ଦୋକାନ ଗୁଡିକର ଅବସ୍ଥା କହିଲେ ନସରେ। ଢାବା ଗୁଡିକରେ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ଏଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ, ମିଠା ଗୁଡିକ ଯେଉଁ ସବୁ ତେଲ ମସଲାରେ ବ୍ୟବହାର ହେଉଛି ତାହା ଅତ୍ୟନ୍ତ ନିମ୍ନ ମାନର। ମାଛ ବଜାରକୁ ଗଲେ ଆନ୍ଧ୍ରା, ରାୟପୁର ଅଂଚଳରୁ ଆସୁଥିବା ମାଛ ଗୁଡିକରେ କେମିକାଲ ଦେଇ ସେଗୁଡିକୁ ବେପାରୀ ଦିର୍ଘ ଦିନ ରଖି ବିକି ଚାଲିଛନ୍ତି। ଫଳ ଏଗୁଡିକୁ ସେହି ଭଳି ଅଧିକ ଦିନ ରଖିବା ଲାଗି ସେଥିରେ ମଧ କେମିକାଲ ଦିଆଚାଲିଛି। ଫଳରେ ଏଗୁଡିକ ଘରକୁ ଆଣିବା ପରେ ଅଧା ଫଳ କିଛି ଦିନ ପରେ ପଚିଯାଉଛି ସେଗୁଡିକର ସ୍ୱାଦ ମଧ ଭିନ୍ନ ଲାଗୁଛି, ମାଛର ସ୍ୱାଦ ମଧ ରହୁନାହିଁ। କଦଳୀ ରାଉରକେଲା ସହରରେ କେବେ ହେଲେ ପାଚିବା ଦେଖାଯାଏନି, ଏହାକୁ କେମିକାଲ ଦେଇ ରଖାଯାଉଥିବାରୁ ଏହା ସବୁବେଳେ ଟାଣ ହୋଇ ରହୁଛି। ରାସନ ଦୋକାନରେ ମିଳୁଥିବା ଛତୁ ପାଉଡର ଗୁଡିକରେ ପୋକ ସାଲୁବାଲୁ ହେଉଥିବା ବେଳେ ଅନେକ ବେନାମୀ କଂପାନୀର ରନ୍ଧା ତେଲ ଘିଅ ବିକାଚାଲିଛି। ପରିବାରେ ସିଜିନ ଅନୁସାରେ ରଂଗ ଓ କେମିକାଲ ମଧ ଦିଆଚାଲିଛି। ଲୋକେ ଏଭଳି ଖାଦ୍ୟକୁ ବାଧ ହୋଇ ଗ୍ରହଣ କରି ବିଭିନ୍ନ ରୋଗରେ ପଡିବା ସହ ଡାକ୍ତରଖାନା ଦଉଡୁଛନ୍ତି। ସହରର ବିଭିନ୍ନ ହୋଟେଲର ରୋଷେଇଶାଳ ଗୁଡିକର ଯେଉଁ ଅବସ୍ଥା ନକହିଲେ ଭଲ।

ଏଭଳି ଅବସ୍ଥା ଭିତରେ ସହରର ଏହି ସ୍ୱାସ୍ଥ ବ୍ୟବସ୍ଥା କେବଳ କାଗଜ କଲମ କୁ ନେଇ ସରକାରୀ ବାବୁ ମାନେ ଟାରଗେଟ ପୁରଣ କରିବାରେ ବ୍ୟସ୍ତ। ଏଥିଲାଗି ରାଉରକେଲା ସ୍ମାର୍ଟ ସିଟିରେ ଗତ ୫ବର୍ଷରେ ଏସଡିଜେଏମ କୋର୍ଟରେ ମାତ୍ର ୧୫ଟି ମାମାଲା ହୋଇଥିବା ବେଳେ ରାଉରକେଲା ଏଡିଏମ ଙ୍କ କୋର୍ଟରେ ମାତ୍ର ୧୨ଟି ମାମାଲା ହୋଇଛି। ତେବେ ଦିର୍ଘ ବର୍ଷ ଧରି ଏହି ମାମାଲ ଗୁଡିକ ହୋଇଥିଲେ ସୁଦ୍ଧା ୫ବର୍ଷ ଭିତରେ କାହା କୁ ଗୋଟିଏ ଦଣ୍ଡ ବିଧାନ ହେବା ନେଇ ବିଭାଗ ପାଖରେ ଖବର ନାହିଁ। ଏଠାରେ ଥିବା ସ୍ୱାସ୍ଥ ଅଧିକାରୀ ଅନେକ ଦିନ ହେଲା ରାଉରକେଲାରେ ରହିଲେଣି ଆଉ ୨ବର୍ଷ ଭିତରେ ସେ ଅବସର ନେବେ ହେଲେ ତାଙ୍କ ସମୟ କାଳ ଭିତରେ ହୋଇଥିବା କାମ କେତେ ଗ୍ରହଣୀୟ ତାହା ତାଙ୍କୁ ପଚରା ଜିବାରୁ ସେକହିଛନ୍ତି କାମ ଚାଲିଛି, କମିଶନର ଏଭଳି କାମରେ କେତେ ସନ୍ତୁଷ୍ଟ ବୋଲି ପଚରାଜିବାରୁ ସେ କହିଛନ୍ତି କାମ ଚାଲିଛି ସଠିକ କୌଣସି ଖବର ଦେଲେ ତାହା ଉପରେ ବିଚାର କରାଜିବ। ରାଉରକେଲା ଭଳି ସ୍ମାର୍ଟ ସିଟିରେ ହକି ସମୟରେ ଏହି ବିଭାଗ ବାବୁ ମାନଙ୍କୁ ବାହାରକୁ ବାହାରୁଥିବା ଦେଖାଯାଇଥିଲା, ତେବେ ବର୍ତମାନ ଖାଦ୍ୟ ପଦାର୍ଥ ଯାଂଚ ନକରି ବାହାରେ କିଏ ପୁଡିଆ, ସିଗାରେଟ ଖାଇଲା ତାକୁ ଜରିମାନା କରି ନିଜ ପାରିବା ପଣିଆ ଦେଖାଇବା ବେଶ ଆଲୋଚନାର ବିଷୟ ହୋଇଛି।

# ତିନି ପୃଥକ ପୃଥକ ଦୁର୍ଘଟଣା ଘଟି ୨ଗୁରୁତର: ୨ଜଣ ସାମାନ୍ୟ ଆହତ

କୋରେଇ, ୧୦/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣାର ପରିମାଣ ବୃଦ୍ଧି ପାଉଛି। ଆଜି ଗୋଟିଏ ଦିନରେ ତିନୋଟି ପୃଥକ ପୃଥକ ଦୁର୍ଘଟଣା ଘଟି ମୋଟ ଚାରି ଜଣ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଦୁଇ ଜଣ ବ୍ୟକ୍ତି ଗୁରୁତର ଥିବାର ଜଣାପଡ଼ିଛି। ପ୍ରକାଶ ଯେ କରଦା ଗ୍ରାମର ସୁରେନ୍ଦ୍ର ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତି(୧୮) ଏକ ବାଇକ ଯୋଗେ କରଦା ଗ୍ରାମରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ପଥରପଦା ପୋଲ ଉପରେ ଏକ କଂଟେନର ପଛରେ ବାଇକକୁ ଭାରସାମ୍ୟ ହରାଇ ପିଟି ଦେଇଥିଲେ। ଫଳରେ ବାଇକ ଆରୋହୀ ଆହତ ହୋଇଛନ୍ତି। ସେହିଭଳି ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖାରୀ ଥାନା ଅନ୍ତର୍ଗତ ସୁଦର୍ଶନ ପାତ୍ର ଏକ ବାଇକ ଯୋଗେ ପାଣିକୋଇଲି ଆସୁଥିବା ବେଳେ ସଠିପୁର ଠାରେ ବାଇକ ଆଗରେ ଏକ କୁକୁର ପଶିଯିବାରୁ ସୁଦର୍ଶନ ତଳେ ପଡ଼ି ଆହତ ହୋଇଥିଲେ। ଅନ୍ୟ ଏକ ଦୁର୍ଘଟଣାରେ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ (ଓଡ଼ି୦୨ଏକ୍ସ ୧୮୩୮) ଟ୍ରକ ଛିଡ଼ା ହୋଇଥିବା ବେଳେ ଦୁଇ ଜଣ ବାଇକ ଆରୋହୀ ଏକ ବଜାଜ ସିଟି ୧୦୦ ବାଇକ(ଓଡ଼ି ୦୧ଏନ ୬୦୬୫)ରେ ଦ୍ରୁତଗତିରେ ଆସି ଟ୍ରକ ପଛରେ ପିଟି ଦେଇଥିଲେ। ଫଳରେ ବାଇକ ଚାଳକ ଜଣକ ଗୁରୁତର ଥିବା ବେଳେ ପଛରେ ବସିଥିବା ସହକର୍ମୀ ମଧ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଟାଉନ ପଠାଇବା ସହ ଉଭୟ ଗାଡିକୁ ପୁଲିସ ଜବତ କରିଛି। ସମସ୍ତ ଦୁର୍ଘଟଣାରେ ସ୍ଥାନୀୟ ଲୋକମାନଙ୍କ ସହିତ ପାଣିକୋଇଲି ପୁଲିସ ଓ ସେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଏହି ସମସ୍ତ ଉଦ୍ଧାର କାର୍ଯ୍ୟରେ ରାଜପଥ ପାଟ୍ରୋଲିଂ ପୁଲିସ ତଥା ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ଉପଦେଷ୍ଟା ଅଶୋକ ବଳ, ସଭାପତି ଅଶୋକ କୁମାର ଦାସ, ଅଜିତି ସାହୁ, ମେଘନାଦ ଯେନା, ଜନ୍ମଜୟ ବିଶ୍ୱାଳ, ବାବଜି ପଣ୍ଡା, ମନୋଜ ଦାସ, ବିକାଶ ସାହୁ, ସୋଭିନ ପରିଡା, ଧୀରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗାମୀ ଗଣତନ୍ତ୍ର ଦିବସରେ ସହଯୋଗ ଫାଉଣ୍ଡେସନ୍ ତରଫରୁ ବହି ଦାନ କାର୍ଯ୍ୟକ୍ରମ

ବଲାଙ୍ଗିର, ୧୦/୦୭ (ନି.ପ୍ର): ଯଦି ବହି ନଥାନ୍ତା, ପ୍ରତ୍ୟେକ ପିଢ଼ି କୁ ଅଧ୍ୟାୟନ ଶୂନରୁ ଆରମ୍ଭ କରିବାକୁ ପଡିଥାନ୍ତା। ଏକ ସମାଜ କିମ୍ବା ସମ୍ପ୍ରଦାୟର ମନୋବଳ କିମ୍ବା ସ୍ୱରର ବିଚାର ପାଇଁ ଏକ ପାରାଦୀପ ହେଉଛି ପୁସ୍ତକ। ଯେତେବେଳେ ଆମେ ବ୍ୟକ୍ତିଙ୍କ ଉପରେ ବହିର ପ୍ରଭାବ ଅନୁସନ୍ଧାନ କରୁ, ଆମେ ଜାଣୁ ଯେ ବହିର ଆରମ୍ଭରେ ଜଣେ ବ୍ୟକ୍ତି ଯାହା ଅଛି ତାହା ଶେଷ ପର୍ଯ୍ୟନ୍ତ ସମାନ ରହେ ନାହିଁ। ଏହାର ପ୍ରଭାବ କମ୍, ଅଧିକ, ଭଲ କିମ୍ବା ଖରାପ ହୋଇପାରେ, କିନ୍ତୁ ବ୍ୟକ୍ତିଗତ ପରିବର୍ତ୍ତନ ଦେଖାଯାଇଥାଇ। ସହଯୋଗ ଫାଉଣ୍ଡେସନ ତରଫରୁ ଆସନ୍ତା ଗଣତନ୍ତ୍ର ଦିବସରେ ସକାଳ ୮ ଟାରୁ ୧୨ ଟା ପର୍ଯ୍ୟନ୍ତ ତୁଳସୀ ନଗର ଆୟୁର୍ବେଦିକ ଡାକ୍ତରଖାନା ନିକଟରେ ଏକ ପୁସ୍ତକ ଦାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ପଞ୍ଚାନନ୍ ପ୍ରଧାନ କହିଛନ୍ତି, କଲେଜ, ସ୍କୁଲ, କାହାଣୀ, ଧାର୍ମିକ, ଇଞ୍ଜିନିୟରିଂ, ସିଏ, ଡାକ୍ତରୀ, ହିନ୍ଦୀ, ଇଂରାଜୀ, ଓଡିଆ ପୁସ୍ତକ ଦାନ ଏବଂ ନେଇପାରିବେ.

ଆଶା କରାଯାଉଛି ଯେ ''ବହି ଦାନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଉପକୃତ ହୋଇଥିବା ଲୋକ ନିଜ ପାଇଁ ଏକ ଭଲ ସମାଜ ଗଠନରେ ସହଯୋଗ କରିପାରିବେ। ସହଯୋଗ ଫାଉଣ୍ଡେସନର ସମ୍ପାଦିକା ପିଙ୍କି ମୋଦୀ କହିଛନ୍ତି ଯେ ପୁସ୍ତକ ଦାନ କରିବା ପାଇଁ ଇଛୁକ ବ୍ୟକ୍ତି ୯୪୩୭୧୪୫୦୬୦ ୭୯୭୮୬୮୮୦୧୯, ୯୪୩୭୨୦୨୨୦୭, ୭୬୮୪୦୧୪୦୧୪ କୁ ଯୋଗ ଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

# ସାପ କାମୁଡ଼ା: ୭ବର୍ଷରେ ମଲେଣି ୬୩୫୧, ସାପ ଧରିବା ପାଇଁ ଜାରି ହେଲା ଗାଇଡଲାଇନ



ଭୁବନେଶ୍ୱର, ୧୦/୦୭ (ନି.ପ୍ର): ରାଜ୍ୟରେ ଯେତିକି ଲୋକଙ୍କର ବିପର୍ଯ୍ୟୟ ଜନିତ ମୃତ୍ୟୁ ହେଉଛି ସେଥିରୁ ୪୦% ଲୋକଙ୍କର କେବଳ ସାପ କାମୁଡ଼ାରେ ମୃତ୍ୟୁ ହେଉଛି। ଦିନକୁ ଦିନ ସାପ କାମୁଡ଼ା ଏବଂ ସାପ କାମୁଡ଼ା ଜନିତ ମୃତ୍ୟୁ ବଢ଼ି ଚାଲିଥିବାବେଳେ ଗତ ୭ବର୍ଷରେ ୬୩୫୧ଜଣଙ୍କର ମୃତ୍ୟୁ ହେଲାଣି। ଏପରିକି ସାପ କାମୁଡ଼ିଲେ ଲୋକଙ୍କର ମୃତ୍ୟୁ ହେଉଥିବାରୁ ଲୋକମାନେ ଭୟଭୀତ ହୋଇ ସାପକୁ ମାରି ଦେଉଛନ୍ତି। ତେଣୁ ସାପକୁ ଯେପରି ତୁରନ୍ତ ଉଦ୍ଧାର କରାଯିବ ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ସାପ କାମୁଡ଼ିଲେ କିମ୍ବା ଜନବସତିରେ ସାପ ଦେଖାଦେଲେ ଲୋକ ଯଦି ହେଲ୍ପଲାଇନ୍‌ରେ ଫୋନ୍ କରୁଛନ୍ତି ତେବେବି ମାନବସମ୍ବଳ ଅଭାବରୁ ସାପ ଉଦ୍ଧାରକାରୀ ଦଳ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ଉଦ୍ଧାରକାରୀ ଦଳ ପହଞ୍ଚିବାବେଳକୁ ଲୋକ ସାପକୁ ବାଡ଼େଇ ମାରିଦେଉଛନ୍ତି। କେତେକ ସ୍ଥାନରେ ଦେଖାଯାଉଛି ଯେଉଁମାନେ ସାପକୁ ଉଦ୍ଧାର କରୁଛନ୍ତି ସେମାନେ ଆବଶ୍ୟକୀୟ ସରଞ୍ଜାମ ନେଉନଥିବାରୁ କିମ୍ବା ସାପ ଧରିବା ପରେ ଷ୍ଟଣ୍ଟ ଦେଖାଉଥିବାରୁ ସାପ କାମୁଡ଼ିବାରେ ସେମାନଙ୍କର ବି ମୃତ୍ୟୁ ହେଉଛି। ତେଣୁ ଏବେ କେବଳ ସ୍ୱୀକୃତିପ୍ରାପ୍ତ ସାପ ଧରାଳୀ ହିଁ ସାପ ଧରିବେ। ଯିଏ ଏହାକୁ ନମାନିବେ ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁଠି ଲୋକଙ୍କ ଜୀବନକୁ ସାପର ଭୟ ଥିବ ଯଥା ଘରେ ଭିତରେ ବା ଜନଗହଳି ସ୍ଥାନରେ ସାପ ଦେଖାଗଲେ ତାକୁ ଉଦ୍ଧାର କରାଯିବ। ସାପ ଧରାଳୀମାନେ ଲୋକଙ୍କ ମଧ୍ୟରେ ପରିବେଶରେ ସାପର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବେ, କେହି ସାପ ଧରି ଷ୍ଟଣ୍ଟ ଦେଖାଇବେନି। ଯଦି କେହି ଉଲ୍ଲଂଘନ କରିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଯେଉଁଠି ସାପର ଭୟ ଥିବ ସେଠାରେ ଲୋକମାନେ ସାପ ଧରାଳୀଙ୍କୁ ଫୋନ୍ କରିବେ। ଏହାସହ ସାପର ଗୋଟିଏ ଫଟୋ ଉଠାଇ ପଠାଇବେ। ସାପ ଧରାଳୀ କେତେ ସମୟ ଭିତରେ ତାଙ୍କ ନିକଟରେ ପହଞ୍ଚିବେ ତାହା ନିଶ୍ଚିତ କରିବେ। ଯଦି କେଉଁଠି ଲୋକଙ୍କୁ ସାପ କାମୁଡ଼ି ଥିବ ତେବେ ସାପ ଧରାଳୀ ଆଶୁ ଚିକିତ୍ସା ଯୋଗାଇବ ସହ ହସ୍ପିଟାଲ ପଠାଇବା ବ୍ୟବସ୍ଥା କରିବେ। ଉଦ୍ଧାର ସାପକୁ ତୁରନ୍ତ ଜଙ୍ଗଲରେ ଛାଡ଼ିବେ। ଯଦି ସାପ ଆହତ ହୋଇଥିବ ତେବେ ତା'ର ଚିକିତ୍ସା କରି ଛାଡ଼ିବେ, ଏକାଧିକ ସାପ ଉଦ୍ଧାର ହୋଇଥିଲେ ଗୋଟିଏ ସ୍ଥାନରେ ଛାଡ଼ିବେନି, ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ସେମାନଙ୍କ ଅଞ୍ଚଳରେ ସାପ କାମୁଡ଼ା ଏବଂ କାମୁଡ଼ା ଜନିତ ମୃତ୍ୟୁର ମାସିକ ରିପୋର୍ଟ ପ୍ରସ୍ତୁତ କରିବେ। ସାପ ଧରାଳୀଙ୍କ ପାଇଁ ବୀମା କରାଯିବ ବୋଲି କୁହାଯାଇଛି। ଏହାସହ ଯେଉଁମାନେ ସ୍ୱୀକୃତିପ୍ରାପ୍ତ ସାପ ଧରାଳୀ ହେବାକୁ ଆଗ୍ରହୀ ଅଛନ୍ତି ସେମାନେ ଆବେଦନ କରିବାକୁ କୁହାଯାଇଛି।

## ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କୋରେଇ, ୧୦/୦୭ (ନି.ପ୍ର): ପାଣିକୋଇଲି ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୧୩ ଜଣ କୁନି କୁନି ବିଜ୍ଞାନୀ ମାନଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ବିଷ୍ଣୁ ଚରଣ ରାଉତ, ସମ୍ପାଦକ ରାଜ କିଶୋର ମଲ୍ଲିକ, ଯୁଗ୍ମ ସମ୍ପାଦକ ବଳରାମ ସାମଲ, ପୂର୍ବତନ ସଭାପତି କେଶବ ରାଓ ଭୁକ୍ତା ଓ ସଦସ୍ୟ ନାରାୟଣ ଚନ୍ଦ୍ର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ବିଚାରକ ଭାବେ କୃଷ୍ଣ ଚନ୍ଦ୍ର ଦତ, ଅକ୍ଷୟ, କୁମାର ବଳ, ବିଜୟ ଦାସ ଓ ନାରାୟଣ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ। ବିଚାରକ ମାନେ ପ୍ରତିଭାଗୀ ମାନଙ୍କ ପ୍ରକଳ୍ପର ଉପଯୁକ୍ତ ମୂଲ୍ୟାୟନ ପୂର୍ବକ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବରେ ଚୟନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଭାଗୀଙ୍କୁ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ଚୟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ପଣ୍ଡା ପ୍ରାରମ୍ଭିକ ପର୍ଯ୍ୟାୟରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ଅଭିଭାବକ ମାନଙ୍କ ପୂର୍ଣ୍ଣ ସହଯୋଗରେ ଜ୍ଞାନ ବିଜ୍ଞାନ ମେଳାର ସମାପନ ହୋଇଥିଲା।

## ଓଷ୍ଟା ପକ୍ଷରୁ ପ୍ରତିବାଦ ଧାରଣା

ପୁରୀ, ୧୦/୦୭ (ନି.ପ୍ର): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଆଜି ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ପ୍ରତିବାଦ ଧାରଣା ଦେଇଥିଲେ। ପୁରୀ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଓଷ୍ଟାର ରାଜ୍ୟ ପୂର୍ବତନ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ନେତା ଶଙ୍କର ସୁବୁଦ୍ଧି, ମହେନ୍ଦ୍ର ରଣସିଂହ, ରାଜ୍ୟ କମିଟି ସଦସ୍ୟ ଅଜୟ ଆଚାର୍ଯ୍ୟ ପ୍ରମୁଖ ଶିକ୍ଷକଙ୍କ ଦାବି ସମ୍ପର୍କରେ ମତ ଦେଇଥିଲେ। ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକଙ୍କ ଚାକିରି ସର୍ତାବଳୀ ଓ ପେନସନ ପ୍ରଦାନ, ୬୧୦ ଉଚ୍ଚ ବିଦ୍ୟାଳୟକୁ ସରକାରୀକରଣ ଆଦି ଅନେକ ଦାବି ସମ୍ପର୍କରେ ଶିକ୍ଷକମାନେ ପ୍ରତିବାଦ ସଭାରେ କହିଥିଲେ। ଅଗଷ୍ଟ ୧୬ ରେ ବିଧାନସଭା ସମ୍ମୁଖରେ ୫୦ ହଜାର ଶିକ୍ଷକ ପ୍ରତିବାଦ କରିବେ। ଏକ ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରତିବାଦ ସଭାରେ ଶିକ୍ଷକ ନେତା ମାନସ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ପଲାଇ, ପ୍ରଶାନ୍ତ କୁମାର ମହାରଣା, ବସନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସଭା ପରିଚାଳନା କରିଥିଲେ।

# ସାମ୍ବିଧାନିକ ହକ୍ ନେଇ ଓବିସି ମଂଚର ଗଣଧାରଣା

ବଲାଙ୍ଗିର, ୧୦/୦୭ (ନି.ପ୍ର): ଭାରତ ଛାଡ ଆନ୍ଦୋଳନ ଦିବସ ଉପଲକ୍ଷେ ଓଡିଶା ଓବିସି ମଂଚ ଡାକରା ରେ ଜିଲ୍ଲା ଓବିସି ମଂଚ ବଲାଙ୍ଗିର ତରଫରୁ ବଲାଙ୍ଗିରଙ୍କ ଅଫିସ ସମ୍ମୁଖରେ ଓବିସି ମଂଚର ସାମ୍ବିଧାନିକ ହକ୍ ନେଇ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମଂଚର ଉପସଭାପତି କିଶୋର ଚନ୍ଦ୍ର ସାଏ ଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସ୍ଥାନୀୟ ଜିଲ୍ଲା ଯାଦବ ଭବନ ଠାରୁ ବାହାରି ଜିଲ୍ଲପାଳ ବଲାଙ୍ଗିର ଙ୍କ ଅଫିସ ସାମନାରେ ପହଂଚି ଥିଲା ଓ ସେଠାରେ ଧାରଣ ଦିଆଯାଇଥିଲା। ଓଡିଶାରେ ଓବିସିଙ୍କୁ ରାଜ୍ୟ ସରକାର ଶିକ୍ଷା (ଉଚ୍ଚ ଶିକ୍ଷା, ମେଡିକାଲ, ଇଂଜିନିୟରିଂ), ଚାକିରି ତଥା ରାଜନୀତିରେ ୦% ସଂରକ୍ଷଣ ଦିଆଯାଇଛି। ଓବିସି ମଂଚର ଅଭିଯୋଗ ଯେ ରାଜ୍ୟରେ ମଣ୍ଡଳ କମିଶନ ସୁପାରିଶ ୧୯୯୪ ରୁ ଲାଗୁ ହେଲା ପରେ ବି ଏଯାବତ୍ ୨୯ ବର୍ଷ ବିତି ଯାଇଥିଲେ ହେଁ ଓଡିଶା ରାଜ୍ୟ ସରକାର ଓବିସିଙ୍କୁ ଭୁଆଁ ବୁଲେଇ କୌଣସି ସଂରକ୍ଷଣ ଦେଉ ନାହାନ୍ତି। ସରକାର ଏସ୍‌ଟି, ଏସ୍‌ସି ଙ୍କୁ ଚାକିରିରେ ୩୮.୭୫% ଓ ଶିକ୍ଷାରେ ୨୦%, ଜେନେରାଲ ବର୍ଗକୁ ଇଡ୍?ବ୍ଲୁଏସ୍ କୋଟାରେ ଶିକ୍ଷା ଓ ଚାକିରିରେ ୧୦%, ପ୍ରାୟ ୪% ଅଣଓବିସି ଏସ୍?ଇବିସିଙ୍କ ହିତ ପାଇଁ ୧୧.୨୫% ସଂରକ୍ଷଣ ଦେଉଥିବା ବେଳେ, ରାଜ୍ୟର ଅର୍ଦ୍ଧାଧିକ ସଂଖ୍ୟା ବିଶିଷ୍ଟ ଓବିସିଙ୍କ ଆରକ୍ଷଣକୁ ବାତିଲ କରିଛନ୍ତି। ଅଧୁନା ରାଜ୍ୟ ସରକାର ଓବିସିଙ୍କ ଭାଗ ଭାଗ କରି ଜାତି ମୁରବୀମାନଙ୍କୁ ଡାକି ମନ୍ଦିର ପାଇଁ, ଆଖଡା ଘର ପାଇଁ ଅଧ କୋଟି, କୋଟିଏ ଟଙ୍କାର ଲଲିପପ ଦେଇ ଓବିସି ବର୍ଗର ଛାତ୍ରଙ୍କୁ ଶିକ୍ଷାରୁ, ଯୁବଗୋଷ୍ଠିଙ୍କୁ ଚାକିରିରୁ ତଥା ସମାଜର ସଚେତନ ବ୍ୟକ୍ତିଙ୍କୁ ରାଜନୀତିରୁ ଦୂରେଇ ରଖିବାର ବିରାଟ ଷଡଯନ୍ତ୍ର କରୁଛନ୍ତି ଓ ଓବିସି ବର୍ଗର ଆଗାମୀ ବଂଶଧରଙ୍କୁ ଗୁଲାମ କରି ରଖିବାର ଯୋଜନା କରୁଛନ୍ତି। ଏହା ନୀରିହ, ଗରିବ, ଅପାଠୁଆ ଓବିସିମାନେ ତଥା ଜାତି ମୁରବୀମାନେ ବୁଝିବା ଆରମ୍ଭ କଲେଣି। ତେଣୁ ସମ୍ବିଧାନର ଧାର ୧୫(୪), ୧୬ (୪) ଓ ୨୪୩(ଡି୬), (ଟି୬) ଅନୁସାରେ ଶିକ୍ଷାରେ, ଚାକିରିରେ ଓ ପଂଚାୟତିରାଜ ତଥା ସିଭିଲକୋର୍ଡ ନିର୍ବାଚନରେ ସମାନୁପାତିକ ନ ହେଲେ ବି ଅନ୍ୟୁନ ୨୭% ଆରକ୍ଷଣ ଏସ୍‌ଇବିସିଙ୍କ ଠାରୁ ଅଲଗ କରି ଓବିସିଙ୍କୁ ଦିଆଯାଉ। ଯେଉଁ ରାଜନୈତିକ ଦଳ ଓବିସିଙ୍କୁ ସଂରକ୍ଷଣ ଦେବେ ସେ ଗାଦିରେ ରହିବେ। ଅଧୁନା ବିଜେଡି ସରକାର ଓବିସିଙ୍କୁ ଅଲଗ ସଂରକ୍ଷଣ ଦିଅନ୍ତୁ ନ ହେଲେ ଗାଦୀ ଛାଡନ୍ତୁ ବୋଲି ସରକାରଙ୍କୁ ଚେତାବନି ଦିଆଯାଇଥିଲା। ଏହି ଧାରଣାରେ ଜିଲ୍ଲା ଓବିସି ମଂଚର ସମ୍ପାଦକ ପ୍ରଦେଶି ବିଶ୍ୱାଳ, ଜିଲ୍ଲା ସଂଯୋଜକ ସରୋଜ କୁମାର ମେଶ୍ରା, ଜିଲ୍ଲା ଡୁମାଲ ସମାଜ ସଂପାଦକ ମଳିଆ ଗଡୁଆ, ଯାଦବ ସମାଜ ସଭାପତି ପଙ୍କଜ ସେଲମା, ଯାଦବ ସମାଜ ସଂପାଦକ ଡମନ ବଗର୍ତ୍ତି, ଜିଲ୍ଲା ଭୁଲିଆ ସମାଜ ସଂପାଦକ ବାସୁଦେବ ମେହେର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପାଣ୍ଡବ ପଧାନ, ସୁରେଶ କମ୍ପ, ଲୋକନାଥ ପାତ୍ର, କୃଷକ ନେତା ରାଧାକୃଷ୍ଣ ମେହେର, ତୀର୍ଥବାସୀ ଡାଙ୍ଗ, ଆନନ୍ଦ ପଧାନ, ବାଦଲ ମହାକୁର, ଦୁର୍ଗା ପ୍ରସାଦ ଛୁରିଆ, ମଞ୍ଜରୀ ପଟେଲ, ସରସ୍ୱତୀ ସାହୁ, ସୁବାସିନୀ ସାହୁ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ରାସ୍ତା ବିକାଶ ବିବାଦର ସମାଧାନ ନେଇ ପୌରପାଳିକାର ଉଦ୍ୟମ

ଜୟପୁର, ୧୦/୦୭ (ନି.ପ୍ର): ଜୟପୁର ପୌରାଂଚଳର ହାନାଗୁଡା ରାସ୍ତାର ବିକାଶ ହୋଇ ପାରୁନାହି। ଏନେଇ ଆଜି ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି ସୁନିତା, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଆଜି ହାନାଗୁଡା ଯାଇଥିଲେ। ଏହି ରାସ୍ତା ବ୍ଲକ କହୁଛି ପୌରାଂଚଳର ଓ ପୌରାଂଚଳ କହୁଛି ବ୍ଲକର ଏହି ବିବାଦର ସମାଧାନ ପାଇଁ ଏହି ଟିମ ଗସ୍ତ କରିଥିଲା। ଆରଆଇ ଦ୍ୱାରା ମାପ ଚୂପ କରାଯିବ। ଯଦି ପୌର ପାଳିକାର ତାହା ହେଲା ପୌର ପାଳିକା ରାସ୍ତା ନିର୍ମାଣ କରିବ। ଯଦି ବ୍ଲକର ହୋଇଥିବ ତାହା ହେଲେ ବ୍ଲକ ପ୍ରଶାସନ ରାସ୍ତା ନିର୍ମାଣ କରିବ ବୋଲି ପୌର ପ୍ରଶାସନ ତରଫରୁ ସୁଚନା ଦିଆଯାଇଛି।

# ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଲେଖା ସଶ୍ରମ କାରାଦଣ୍ଡ

ମାଲକାନଗିରି, ୧୦/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାଦୌରା ଜଜ ଗତକାଲି ଦୁଇ ଜଣ ଗଞ୍ଜେଇ ବେପାରୀ ଙ୍କୁ ୧୦ ବର୍ଷ ଲେଖା ସଶ୍ରମ କାରାଦଣ୍ଡ ସହିତ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ ଗତ ୨୦୨୦ ମସିହା ଜୁଲାଇ ମାସ ୨୧ ତାରିଖ ଦିନ ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ସବ ଇନିସପେକ୍ଟର ମିଲ ନ ମଜୁମଦାରଙ୍କ ନେତୃତ୍ୱରେ ପୁଲିସ ଟିମ ଚିତ୍ରକୋଣ୍ଡା ରାସ୍ତା ବାଲିମେଳା ଛକଠାରେ ରାତ୍ର ପେଟ୍ରୋଲିଂ କରୁଥିବାବେଳେ ଏକ ୪୦୭ ଗାଡିଟି ଦ୍ରୁତଗତିରେ ପଳାଉ ଥିବାର ଦେଖି ଗୋଡ଼ାଇ ଧରିଥିଲେ। ଗାଡି ଯାଂଚ କରିବାରୁ ସେଥିରେ ୭ଟି ବସ୍ତାରେ ଗଞ୍ଜେଇ ଥିବାର ଦେଖିଥିଲେ। ଗାଡ଼ିରେ ଥିବା ଉତ୍ତରପ୍ରଦେଶ ରାଜ୍ୟର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ନେଇ ପଚରା ଉଚରା କରିଥିଲେ। ଜବତ ଗଞ୍ଜେଇକୁ ଓଜନ କରିବାରୁ ୧୭୫ କେଜି ହୋଇଥିଲା। ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶ ବାଲିଆ ଥାନା ଅଂଚଳର ରାଜେଶ କୁମାର ରାଜକ (୨୭)ଓ ରାଣାଜି ସିଂ(୨୩) ଅଭିଯୁକ୍ତ ଦୁଇଜଣ ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲ୍ଲା ଦୌରାଜଜ୍ ଶ୍ରୀମତୀ ଅଜନ୍ତା ଷଡ଼ଙ୍ଗୀ ଏହି କେସର ବିଚାର କରି ରାୟ ଶୁଣାଣି କରିଛନ୍ତି। ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶ ବାଲିଆ ଥାନା ଅଂଚଳର ରାଜେଶ କୁମାର ରାଜକ (୨୭)ଓ ରାଣାଜି ସିଂ(୨୩) ଉଭୟ ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ୍ ଅଦାଲତ ପକ୍ଷରୁ ୧୦ବର୍ଷ ଲେଖା ସଶ୍ରମ କାରାଦଣ୍ଡ ସହିତ ଏକ ଲକ୍ଷ ଟଙ୍କା ଲେଖା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥ ଦଣ୍ଡ ଅନାଦେୟ ହେଲେ ଅଧିକ ଏକ ବର୍ଷ ଲେଖା କାରା ଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହି ମୋକଦ୍ଦମାକୁ ସରକାରୀ ଓକିଲ ବିଜୟ କୁମାର ମହାନ୍ତି ପରିଚାଳନା କରିଥିଲେ।

# ୧୫ନଂ ଜୋନ ଜିଲ୍ଲା ପରିଷଦ ଉପନର୍ବିାଚନ ସରିଲା : ଘଟଣାସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

ଧର୍ମଶାଳା, ୧୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜେନାର ଜିଲା ପରିଷଦ ସଭ୍ୟ ପଦ ପାଇଁ ଆଜି ହୋଇଥିବା ଉପନିର୍ବାଚନ ଅନୁଷ୍ଠିତ ହୋଇଛି। କାଁଭାଁ ଗୋଟିଏ ଦୁଇଟି ସ୍ଥାନରେ ଭୋଟ କେନ୍ଦ୍ର ବାହାରେ ଚାପା ଉତେଜନା ଲାଗି ଥିବା ବେଳେ ପ୍ରାୟ ସବୁ ସ୍ଥାନରେ ଶାନ୍ତି ଶଙ୍ଖଳାର ସହ ମତଦାନ ଶେଷ ହୋଇଛି। ଆଜି ସକାଳ ୭ଟାଠାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଜୋନର ୮ଗୋଟି ପଂଚାୟତରେ ମୋଟ ୧୧୮ଟି ବୁଥ୍‌ରେ ମତଦାନ ହୋଇଥିଲା। ୩୩ହଜାରରୁ ଉର୍ଦ୍ଧ ଭୋଟରିଥିବା ବେଳେ ୭୦ ପ୍ରତିଶତରୁ ଉର୍ଦ୍ଧ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ବୁଥ୍‌ମାନଙ୍କରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। ନିର୍ବଚନ ସମୟରେ ଯାଜପୁର ଜିଲାପାଳ ଚକ୍ରବର୍ତୀ ସିଂ ରାଥୋଡ ଓ ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲ ସମସ୍ତ ବୁଥ୍ ପରିଦର୍ଶନ କରିବା ସହ ସସସ୍ତ କେନ୍ଦ୍ର ଉପରେ ନଜର ରଖିଥିବା ନେଇ ଜିଲାପାଳ ସୂଚନା ଦେଇଥିଲେ। ଭୋଟ ଗ୍ରହଣ ଶେଷ ହେବା ପରେ ବାଲାଟ ବାକ୍ସଗୁଡିକୁ ସିଲ କରାଯାଇ କଡା ସୁରକ୍ଷା ମଧ୍ୟରେ ଧର୍ମଶାଳା ମହାବିଦ୍ୟାଳୟରେ ପ୍ରସ୍ତୁତ ଥିବା ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି। ଆସନ୍ତା ୧୧ ତାରିଖ ଦିନ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଜଣାଯାଇଛି। ଏହି ନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି। ତେବେ ଫଳାଫଳ ଘୋଷଣା ପରେ ବିଜୟୀ ପାର୍ଥୀଙ୍କ ନାମ ଘୋଷଣା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଅପେକ୍ଷା କରିବାକୁ ପଡିବ।

## ଦେଶର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲା 'ଭାରତ ଛାଡ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଗାନ୍ଧୀ, କସ୍ତୁରବା, ଗାନ୍ଧୀଙ୍କ ସଚୀବ ମହାଦେବ ଭାଇ ଦେଶାଇ, ସରୋଜିନୀ ନାଇଡୁ ଓ ଶୁଶିଲା ନାୟାରଙ୍କୁ ପୁନାର ଆଗା ଗାଁ ପ୍ୟାଲେସରେ ନଜରବନ୍ଦୀ କରାଯାଇଥିବା ବେଳେ ନେହେରୁ, ମୌଲାନା ଆଜାଦ, ସରଦାର ପଟେଲ ଓ କୃପାଲିନୀଙ୍କ ଭଳି ନେତାଙ୍କୁ ବନ୍ଦୀ ଭାବରେ ରଖାଯାଇଥିଲା। ନେତା ନଥାଇ ମଧ ଦେଶର ଜନତା ଆନ୍ଦୋଳନ ଜାରି ରଖିଥିଲେ। ଅନେକେ ଏଥିପାଇଁ ଗିରଫ ହୋଇଛନ୍ତି ଓ ଅସହ୍ୟ ଯନ୍ତ୍ରଣା ସହିଛନ୍ତି। ବନ୍ଦୀ ଥିବା ସମୟରେ କସ୍ତୁରବା ଗାନ୍ଧୀ ଓ ମହାଦେବ ଦେଶାଇଙ୍କର ମୃତ୍ୟୁ ହୋଇଥିଲା। ଆନ୍ଦୋଳନରେ ହଜାରେରୁ ଅଧିକ ବ୍ୟକ୍ତି ପୋଲିସ ଗୁଳିର ଶୀକାର ହୋଇଥିଲେ ଓ ୪ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କାରଣରୁ ଅସନ୍ତୁଷ୍ଟ ଜନତା ମଧ ଅନେକ ଭଙ୍ଗାରୁଜା ଏପରିକି ପୋଲିସ ଷ୍ଟେସନରେ ନିଆଁ ଲଗାଇଦେବା ଭଳି ଘଟଣା ଘଟାଇଥିଲେ। ଏହି ଆନ୍ଦୋଳନ ଦେଢ ବର୍ଷ ପର୍ଯ୍ୟନ୍ତ ଚାଲିଲା। ଭାରତ ଛାଡ ଆନ୍ଦୋଳନ ତାର ମୂଳ କକ୍ଷ ଭାରତକୁ ଇଂରେଜଙ୍କ କବଳରୁ ମୁକ୍ତ କରିବାରେ ସକ୍ଷମ ହୋଇ ପାରିନଥିଲା, କିନ୍ତୁ ଏହି ଆନ୍ଦୋଳନ ଦେଶବାସୀଙ୍କ ମନରେ ଅପୂର୍ବ ପ୍ରେରଣା ଜାଗୃତ କରିଥିଲା। ଯେଉଁଥିପାଇଁ ଇଂରେଜମାନେ ଅଧିକ ଦିନ ଭାରତକୁ ଶାସନ କରିପାରିବେ ନାହିଁ ବୋଲି ବୁଝିନେଇଥିଲେ। ଇଂରେଜ ସରକାର ସିନା ବଳ ପ୍ରୟୋଗ କରି ଏହି ଆନ୍ଦୋଳନକୁ ଚପାଇ ଦେଇଥିଲେ କିନ୍ତୁ ଜନ ଭାବନାକୁ ଚପାଇ ପାରିନଥିଲେ। ଏହି ଆନ୍ଦୋଳନରୁ ଉତ୍ପନ୍ନ ଜାଗରଣ ବା ଚେତନାର ପରିଣାମ ସ୍ୱରୂପ ୧୯୪୬ରେ ଜଳସେନା (ନେଭି)ରେ ବିଦ୍ରୋହ ହୋଇଥିଲା ଯାହା ଇଂରେଜ ସରକାରକୁ ଦୋହଲାଇ ଦେଇଥିଲା। ଏହି ଆନ୍ଦୋଳନ ଓ ଅନ୍ୟ କେତେକ କାରଣରୁ ପରିଣାମ ସ୍ୱରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡ ଓ ଆମେରିକାରେ ଭାରତ ସପକ୍ଷରେ ଜନମତ ବୃଦ୍ଧି ପାଇଥିଲା ଓ ଇଂରେଜ ସରକାରକୁ ଭାରତ ଛାଡିବାକୁ ପଡିଥିଲା। ଏଣୁ ଭାରତ ଛାଡ ଆନ୍ଦୋଳନ ଭାରତର ସ୍ୱାଧୀନତା ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲା ନିଶ୍ଚୟ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ୧୧ ଓ ୧୨ରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ରାଜ୍ୟରେ ମୌସୁମୀର ପ୍ରବାହ କମ୍ ରହିଥିବାରୁ ବର୍ଷାର ପରିମାଣ କମିଛି। ଏହାସହ ଉପକୂଳ ଓଡିଶା ସମେତ ବିଭିନ୍ନ ଜିଲ୍ଲାରେ ଗୁଳୁଗୁଳି ବଢିଛି। ତେବେ ୧୧ ଓ ୧୨ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ୧୧ ତାରିଖରେ ୧୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ଖୋର୍ଦ୍ଧା, ପୁରୀ ଓ ନୟାଗଡ। ସେହିପରି ୧୨ ତାରିଖରେ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ , ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ ଓ କନ୍ଧମାଳ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବାଚନିକ୍ ଭୋଟରେ...

ତେଣୁ ମୋଦି ସଂସଦ ବାହାରେ ଏହି ଘଟଣାରେ ଗଭୀର ମର୍ମାହତ ଓ ବ୍ୟଥିତ ଥିବା କହିଥିଲେ। ଏଥିସହ ସେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୋଦି ମଣିପୁରକୁ ନେଇ ଗୃହ ଭିତରେ କିମ୍ବା ବାହାରେ ଏଯାଏ କୌଣସି ପ୍ରକାରର ବିବୃତି ସିଧାସଳଖ ରଖି ନଥିଲେ। ଅବଶ୍ୟ ସରକାରୀ ସୂତ୍ର ଅନୁସାରେ, ମୋଦି ନିୟମିତ ମଣିପୁରର ସ୍ଥିତି ସମୀକ୍ଷା କରୁଥିବା ରିପୋର୍ଟ ପ୍ରକାଶ ପାଉଛି। ଏସବୁ ଭିତରେ ବିରୋଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିବୃତି ଦାବି କରି ମୌସୁମୀ ଅଧିବେଶନ ଆରମ୍ଭରୁ ହିଁ ନାରାବାଜୀ କରିଥିଲେ। ତଥାପି ମୋଦି କିଛି ନ କହିବାରୁ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

## ଘର ଘର ବୁଲି ....

ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୨ ଜଣ ଡେଙ୍ଗୁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜଧାନୀରେ ୯୨୪ଜଣଙ୍କର ସାମ୍ପଲ ଟେଷ୍ଟ ହେଇଥିବା ବେଳେ ୪୨୭ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଭୁବନେଶ୍ୱରରେ ଡେଙ୍ଗୁ ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣେଇଛି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ଭୁବନେଶ୍ୱର ମହାନଗର ନିଗମ (ଇଗଉ) ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପ୍ରତିଦିନ ଘରକୁ ଘର ବୁଲି ଡେଙ୍ଗୁ ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରାଇବା ସହିତ ପ୍ରତିକାର ପଦକ୍ଷେପ ନିଆଯାଉଛଛି। ବିଶେଷକରି ବର୍ଷା ଦିନରେ ଡେଙ୍ଗୁ ମଶାର ପ୍ରାର୍ଦୃଭାବ ଅଧିକ ଦେଖିବାକୁ ମିଳିଥାଏ।

## ବାହାନଗାରେ ବଜ୍ରପାତ:...

ସେହିପରି ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ବାସନ୍ତୀ ପାତ୍ର(୩୮) ବିଲକୁ କାମ କରିବାକୁ ଯାଇ ଫେରୁ ଥିବା ସମୟରେ ବଜ୍ରପାତ ହୋଇଥିଲା। ସେଠାରେ ସଂଜ୍ଞାହୀନ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣି ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଥିବାର ଜଣା ପଡ଼ିଛି।

## ସୁରକ୍ଷିତ ଅଛି ....

ଦିନରୁ ୨୦୧୮ ଯାଏଁ ବିଭିନ୍ନ ଉତ୍ସରୁ ୭୦ କୋଟିରୁ ଅଧିକ ଟଙ୍କା ଆସିଥିବା ସରକାର ବିଧାନସଭାରେ କହିଥିଲେ । ଏହି ସମୟରେ ୧୬ କେଜି ୧୫ ଗ୍ରାମ ସୁନା ହୁଣ୍ଡିକୁ ଆସିଛି । ଏଥିରୁ ୧୪ କେଜି ୫୬୦ ଗ୍ରାମ ସୁନା ଏସବିଆଇ ଲକରରେ ରଖାଯାଇଥିବା ଜଣାପଡିଛି ।

## କଂଗ୍ରେସ ସାଂସଦ ଅଧୀର ....

ମନ୍ତ୍ରୀ ଯୋଶୀ ଆଣିଥିବା ସଂକଳ୍ପରେ ଶ୍ରୀ ଚୌଧୁରୀ ବାରମ୍ବାର ଗୃହକୁ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ ଓ ସଂସଦର କାର୍ଯ୍ୟ ସମୟରେ ସେ ଦେଶର ଛବିକୁ ମଳିନ କରିବାକୁ ଚେଷ୍ଟା କରିଥିଲେ ବୋଲି ଉଲ୍ଲେଖ କରାଯାଇଛି। ଯୋଶୀ କହିଛନ୍ତି, "ବିଶୃଙ୍ଖଳା ସୃଷ୍ଟି କରିବା ଶ୍ରୀ ଚୌଧୁରୀଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି। ବାରମ୍ବାର ସତର୍କ କରାଯାଇଥିଲେ ମଧ ସେ ନିଜର ଆଚରଣରେ କୌଣସି ପ୍ରକାରର ପରିବର୍ତ୍ତନ କରି ନଥିଲେ। ସେ ବିତର୍କ ବେଳେ ଭିତ୍ତିହୀନ ଅଭିଯୋଗ ସବୁ ଲଗାଇଥିଲେ। ସେ ଦେଶ ଓ ଏହାର ଛବିକୁ ମଳିନ କରିଛନ୍ତି। ସେ କେବେ କ୍ଷମା ମଧ ମାଗି ନାହାନ୍ତି। ବୁଧବାର ମଧ ଅମିତ ଶାହଙ୍କ ଭାଷଣ ବେଳେ ସେ ସମାନ ଆଚରଣ ପ୍ରଦର୍ଶନ କରିଥିଲେ।" ଏହା କହିବା ପରେ ସେ ଅଧୀର ଚୌଧୁରୀଙ୍କ ଘଟଣାର ବିଚାର ସ୍ୱାଧିକାର କମିଟି ପାଖକୁ ପଠାଇବାକୁ ସଂକଳ୍ପ ଆଣିଥିଲେ। କମିଟି ନିଷ୍ପତ୍ତି ନ ନେବା ଯାଏ ଅଧୀର ନିଲମ୍ବିତ ହୋଇ ରହିବେ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଏହାକୁ ସଂସଦ ଗ୍ରହଣ କରି ନେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲୋକସଭାରେ କଂଗ୍ରେସର ନେତା ଭାବେ କାମ କରୁଥିବା କୌଣସି ସଦସ୍ୟ ଇତିହାସରେ ପ୍ରଥମଥର ପାଇଁ ଏପରି ନିଲମ୍ବିତ ହୋଇଛନ୍ତି। ପୂର୍ବରୁ କେବେ ବି ଏଭଳି ଘଟଣା ଘଟି ନଥିଲା।

## ମଣିପୁରରୁ ଆସିଲା ....

ଘର ଗୁଡ଼ିକରେ ନିଆଁ ଲଗାଇବା ଆରମ୍ଭ କରିଥିଲେ। ଏହା ପରେ ହିଁ ମହିଳା ଜଣଙ୍କ ତାଙ୍କ ପରିବାର ଲୋକଙ୍କୁ ନେଇ ସେଠାରୁ ସୁରକ୍ଷିତ ସ୍ଥାନକୁ ଯିବାକୁ ଚେଷ୍ଟା କରିଥିଲେ। ସେ କହିଛନ୍ତି, "ମୁଁ ମୋ ଝିଆରୀକୁ କାନ୍ଧରେ ପକାଇଥିଲି। ଦୁଇ ପୁଅକୁ ମଧ ଧରିଥିଲି। ଆମେ ସମସ୍ତେ ଘଟଣାସ୍ଥଳରୁ ଦୌଡ଼ିବା ଆରମ୍ଭ କରିଥିଲୁ। ମୋ ଜା ମଧ ତାଙ୍କ କାନ୍ଧରେ ଗୋଟିଏ ଛୁଆକୁ ପକାଇଥିଲେ। ସେ ମୋ ଆଗରେ ଥିଲେ। ଦୌଡୁ ଥିବା ବେଳେ ମୁଁ ତଳେ ପଡ଼ି ଯାଇଥିଲି। ମୁଁ ରାସ୍ତାରୁ ଉଠି ନ ପାରିବାରୁ ମୋ ଜା ମୋ ପାଖକୁ ଆସିଥିଲେ। ସେ ମୋର ଦୁଇ ପୁଅ ଓ ଝିଆରୀକୁ ନେଇ ଚାଲି ଯାଇଥିଲେ। ମୁଁ ତାଙ୍କୁ ଏପରି କରିବାକୁ କହିଥିଲି। ମୁଁ ବହୁତ କଷ୍ଟରେ ତଳୁ ଉଠିଲା ବେଳକୁ ୫ରୁ ୬ ଜଣ ଲୋକ ମୋତେ ଧରିଥିଲେ। ସେମାନେ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ମୋତେ ମାଡ଼ ମାରିଥିଲେ। ମୁଁ ପ୍ରତିବାଦ କରିଥିଲେ ହେଁ ସେମାନେ ବଳପୂର୍ବକ ମୋତେ ତଳେ ପକାଇ ଦେଇଥିଲେ ଓ ମୋତେ ଯୌନ ନିର୍ଯାତନା ଦେଇଥିଲେ।" ଘଟଣା ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ କରିଥିଲା। ସେ ଆତ୍ମହତ୍ୟା କରିବାକୁ ମଧ ଚେଷ୍ଟା କରିଥିଲେ। ସେ ଏନେଇ ଇମ୍ଫାଲରେ ଥିବା ରିଜନାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସକୁ ଯାଇଥିଲେ। କିନ୍ତୁ ସେ ନିଜ ସମ୍ମାନକୁ ଡରି ଡାକ୍ତରଙ୍କୁ କିଛି ନ କହି ଚାଲି ଆସିଥିଲେ। ତେବେ ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ସେ ହସ୍ପିଟାଲ ଯାଇଥିଲେ। ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଘଟଣା ସମ୍ପର୍କରେ ରିପୋର୍ଟ କରିବାକୁ ସାହାସ ଦେଇଥିଲେ। ଏହାପରେ ମହିଳା ଜଣଙ୍କ ପୁଲିସ୍ ? ଆଗରେ ସବୁ କଥା କହିଛନ୍ତି। ଏହାପୂର୍ବରୁ ମେ' ୪ ତାରିଖରେ ମଣିପୁରରେ ଦୁଇ ଜଣ ମହିଳାଙ୍କୁ ଉଲଗ୍ନ କରି ବିଚ୍ ? ରାସ୍ତାରେ ଚଲାଇ ଚଲାଇ ନେବାର ଭିଡିଓ ସାମ୍ନାକୁ ଆସିଥିଲା। ଘଟଣା ମେ' ୪ରେ ଘଟିଥିବା ବେଳେ ଏହାର ଭିଡିଓ ଜୁଲାଇ ୧୯ରେ ଭାଇରାଲ ହୋଇଥିଲା। ଏହାକୁ ନେଇ ସଂସଦ ବାହାରେ ଓ ଭିତରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।

## ଛାତ୍ରୀ ଶୁଭଲକ୍ଷ୍ମୀଙ୍କ....

ସେପଟେ ଭୁବନେଶ୍ୱର କମିଶନରେଟ ପୁଲିସ୍ ସେହି ଭିଡିଓକୁ ଜବତ କରି ଯାଞ୍ଚ କରୁଛି। ଅନ୍ୟପକ୍ଷରେ ଶୁଭଲକ୍ଷ୍ମୀଙ୍କ ଫୋନ୍ କଲ୍ ରେକର୍ଡକୁ ଛାନଭିନ୍ କରୁଛି ପୁଲିସ୍। ମୃତ୍ୟୁ ଦିନ ସେ କାହା ସହ କଥା ହୋଇଥିଲେ ? ଗତ ଦୁଇ ମାସ ମଧରେ କାହାକୁ କଲ୍ କରିଥିଲେ ଓ କାହାକୁ ମେସେଜ୍ କରିଥିଲେ, ସେ ସବୁକୁ ତନ୍ନ ତନ୍ନ କରି ପୁଲିସ ଯାଞ୍ଚ କରୁଛି। ଏଥିସହ ଶୁଭଲକ୍ଷ୍ମୀଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟକୁ ଯାଞ୍ଚ କରୁଛି। ମିଳିଥିବା ସୂଚନା ଅନୁସାରେ, ଶୁଭଲକ୍ଷ୍ମୀଙ୍କ ହ୍ୱାଟ୍ସଆପ୍‌ମେସେଜ ଚାଟ ଡ଼ିଲିଟ୍ ହୋଇଛି। ଶୁଭଲକ୍ଷ୍ମୀଙ୍କ ମେସେଜ କିଏ ଡିଲିଟ୍ କଲା ? ତାହାର ମଧ ଖୋଳତାଡ଼ କରୁଛି ପୁଲିସ୍। ଡିଲିଟ୍ ହୋଇଥିବା ମେସେଜ ରିକଭର ପାଇଁ ଚେଷ୍ଟା କରୁଛି ପୁଲିସ। ଭଦ୍ରକର ଝିଅ ଶୁଭଲକ୍ଷ୍ମୀ ସାହୁ ରାଜଧାନୀ ଭୁବନେଶ୍ୱରରେ ନିଜ ସମ୍ପର୍କୀୟ ମାମୁ ଘରେ ରହି କମଳା ନେହରୁ ମହାବିଦ୍ୟାଳୟରେ ପଢୁଥିଲେ। କଲେଜରେ ପାଠ ପଢ଼ିବା ସହିତ ମଡେଲିଂ କରୁଥିଲେ। ଏଥିସହ ବାରରେ ଡ୍ୟାନ୍ସର ଭାବେ କାମ କରୁଥିବା ଚର୍ଚ୍ଚା ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଶୁଭଲକ୍ଷ୍ମୀଙ୍କ ବୟସ ପ୍ରାୟ ୧୭ ବର୍ଷ ହୋଇଥିବା ବାର ଡ୍ୟାନ୍ସର ଭାବେ କେମିତି କାମ କରୁଥିଲେ ? ସେଠାରେ କାମ କରିବାକୁ କିଏ ଅନୁମତି ଦେଇଥିଲା କମିଶନରେଟ୍ ପୁଲିସ୍ ଏହା ଉପରେ ତଦନ୍ତ କରୁଛି କି ନାହିଁ। ସୂଚନାରୁ ପ୍ରକାଶ, ଶୁକ୍ରବାର ରାତି ପ୍ରାୟ ୩.୨୦ ମିନିଟ୍‌ରେ ଶୁଭଲକ୍ଷ୍ମୀ କଟକ ରୋଡ୍‌ରେ ଥିବା ହୋଟେଲ ଦୀପାଳି ଇଣ୍ଟରନ୍ୟାସନାଲ୍‌କୁ ଯାଇଥିଲେ। ହୋଟେଲ୍ ୨୦୫ ନମ୍ବର ରୁମ୍‌ରେ ରହିଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡରଗୁଡିକ ମୁଖ୍ୟ ଇଞ୍ଜିନିୟର (CON) / HQ / GRC, S.E. ରେଲୱେ ଦ୍ୱାରା ଏବଂ ନିମ୍ନଲିଖିତ କାର୍ଯ୍ୟପାଇଁ ଭାରତ ରାଷ୍ଟ୍ରପତିଙ୍କ ତରଫରୁ ଆମନ୍ତ୍ରିତ। ୱେବସାଇଟ୍ **www.ireps.gov.in** ରେ ନିମ୍ନଲିଖିତ ଟେଣ୍ଡରଗୁଡିକ ଅପଲୋଡ୍ ହୋଇଛି । ଟେଣ୍ଡର ୧୨.୦୦ ଘଣ୍ଟାରେ ବନ୍ଦ ରହିବ ଧାର୍ଯ୍ୟ ତାରିଖରେ । **ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା; ଆନୁମାନିକ ମୂଲ୍ୟ; ବିଡ୍ ସୁରକ୍ଷା: (୧) ୪୩୭୬- GRC-CE-C-HQ-67-2022**, ତାରିଖ ୦୯.୦୮.**୨୦୨୩।** ଇଏୟୁର ପାଶଁକୁରା ଅଧୀନରେ ଡି ଚିଫ୍ ଇଞ୍ଜିନିୟର (କନ୍), ଏସ୍ ରେଲୱେ, ଖଡ଼ଗପୁରଙ୍କ ଅଧିନରେ ସମ୍ପ୍ରସାରଣ ପାଇଁ ସନ୍ତୁଳନ କାର୍ଯ୍ୟର କାର୍ଯ୍ୟକାରିତା।, ଟ. ୪.୮୮ କୋଟି; ୩,୯୩,୯୦୦ / -। **(୨) 4324-GRC-CE-C-II-30- 2023 ୦୯.୦୮.୨୦୨୩ ତାରିଖ।** ରାଉରକେଲା-କାଲୁଙ୍ଗା ବିଭାଗ - ଫାଉଣ୍ଡେସନ ନିର୍ମାଣ, ସବଷ୍ଟ୍ରକଚର, ଯୋଗାଣ, ଫ୍ୟାବ୍ରିକେସନ୍, ଆସେମ୍ବଲିଙ୍ଗ, ରୋଡ୍ ଓଭର ବ୍ରିଜ୍ ନମ୍ବର ୨୦୯ ପାଇଁ ଗ୍ରିଡର୍ ଗୁଡ଼ିକର ଶୁଭାରମ୍ଭ କାର୍ଯ୍ୟ (ସ୍ପାନ: ୪୨.୦୦ ମିଟର ଧନୁ ଷ୍ଟ୍ରିଙ୍ଗ୍ ଗିର୍ଡର୍ + ୧X ୧୮.୦୦M CG) ବଦଳରେ। Km: ୪୨୫ / ୦୧-୦୩ ରେ ବିଦ୍ୟମାନ ଲେଭଲ୍ କ୍ରସିଂ ବଦଳରେ Km: ୪୧୪ / ୦୯-୧୧ ଏବଂ ରୋଡ୍ ଓଭର ବ୍ରିଜ୍ ନମ୍ବର ୨୧୪ (ସ୍ପାନ୍: 1x36.00m CG + 2x18.00m CG) ରେ ଥିବା ଲେଭଲ୍ କ୍ରସିଂର। S.E.Railway ର ଧର୍ମପୁର ବିଭାଗ; ୧୪.୫୧ କୋଟି; ୮,୭୫,୩୦୦ / -। **(୩) ୪୩୯୧-GRC-CE-C- HQ-୩୧-୨୦୨୩, ତାରିଖ ୦୯.୦୮.୨୦୨୩;** ମରାମତି କାର୍ଯ୍ୟ, ଖଡ଼ଗପୁରରେ ଅଫିସର୍ ରେଷ୍ଟ ହାଉସ୍ (ମାଣ୍ଡାକିନି)ର ଉଦ୍ୟାନ କୃଷି କାର୍ଯ୍ୟ, ଦୁଇ ବର୍ଷ (୨୪ ମାସ) ରେ ବିଶ୍ରାମ ଗୃହର ରକ୍ଷଣାବେକ୍ଷଣ ସହିତ S.E e Dy CE / Con / Kharagpur ଅଧୀନରେ କ୍ଷୁଦ୍ର ବିଦ୍ୟୁତ୍ କାର୍ଯ୍ୟ ସହିତ ରେଳ; ୦.୭୨ କୋଟି; ୧,୪୪,୭୦୦ / -। **(୪) ୪୪୦୬-GRC-CE-C-II-୩୪-୨୦୨୩ ତାରିଖ ୦୯.୦୮.୨୦୨୩ ।** ୱାଇ / ହପର୍ସ ୪୦୦୦୦ କମ ୫୦ ମିମି ଗେଜ ମେସିନରେ ପ୍ରସ୍ତୁତ, ଯୋଗାଣ ଏବଂ ଲୋଡିଂ ଡାଏ ସି / କନ୍ / ଆଡ୍ରା ଅଧୀନରେ ଥିବା ପୁରୁଲିଆ-କୋଟଶିଳା ଦ୍ୱିଗୁଣିତ କାର୍ଯ୍ୟ ସଂପର୍କରେ ପାକୁର / ବାକୁଡିହ / ରାଜଗ୍ରାମ / ତାଲଜାରୀ / ପିନାର ଗାରିଆ / ବାରହାରା ଠାରେ ହାର୍ଡ ଷ୍ଟୋନ ଟ୍ରାକ ବାଲାଷ୍ଟକୁ ଭାଙ୍ଗି ଦେଇଛି । (ପରିମାପ ଦେଶରେ କରାଯିବ); ୫.୯୩ କୋଟି; ୪,୪୬,୬୦୦ / -। **ସମାପ୍ତି ଅବଧି:** ୧୨ ମାସ । ନଂ ପାଇଁ ୧, ୨ ଓ ୪ ଏବଂ ୨୪ ମାସ । ୩. **ବନ୍ଦ ତାରିଖ:** ପ୍ରତ୍ୟେକ ପାଇଁ ୦୧.୦୯.୨୦୨୩ । ଆଗ୍ରହୀ ଟେଣ୍ଡରକାରୀମାନେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି ଆଇଟମଗୁଡିକ ପାଇଁ ମାନୁଆଲ୍ ଟେଣ୍ଡରର ଗ୍ରହଣ କରାଯିବ ନାହିଁ । **N.B**: ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଭାଗ ନେବାକୁ ନିୟମିତ **www.ireps.gov.in** ପରିଦର୍ଶନ କରିପାରିବେ।
(PR-492)

## ଆଦିବାସୀ ଦିବସରେ ଭୂମିଜ ସମାଜ ପକ୍ଷରୁ ବିକ୍ଷୋଭ

### ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ଭୂମିଜ ଭାଷାକୁ ସାମିଲ କରିବାକୁ ଦାବି

ବାରିପଦା, ୧୦/୦୮ (ନି.ପ୍ର): ଭାରତୀୟ ଆଦିବାସୀ ଭୂମିଜ ସମାଜ ତରଫରୁ ୮ ଦଫା ଦାବି ନେଇ ଆଜି ବିଶ୍ୱ ଆଦିବାସୀ ଦିବସରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭୂମିଜ ସମ୍ପ୍ରଦାୟର ଲୋକେ ଷ୍ଟେସନ ବଜାର ଖେଳ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଅଫିସ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି. ଓଡ଼ିଶା ସରକାର ଆଦିବାସୀ ଛାତ୍ରଛାତ୍ରୀ ବହୁଳ ବିଦ୍ୟାଳୟ ମାନଙ୍କରେ ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ୨୧ଟି ଆଦିବାସୀ ଭାଷାକୁ ସାମିଲ କରିଥିବା ବେଳେ ଭୂମିଜ ଭାଷାକୁ ଜାଣିଶୁଣି ସାମିଲ କରି ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବହୁବାର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଭୂମିଜ ଭାଷାକୁ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ସୁପାରିଶ କରିଛନ୍ତି କିନ୍ତୁ ନିଜ ରାଜ୍ୟରେ ଭୂମିଜ ଭାଷାକୁ ସାମିଲ କରୁନଥିବା ବେଶ ଦୁର୍ଭାଗ୍ୟ ବିଷୟ ବିକ୍ଷୋଭକାରୀ ମାନେ କହିଛନ୍ତି. ଶୋଭା ଯାତ୍ରା କୁ ପି.ସି.ସି ସଭାପତି ଶରତ ପଟ୍ଟନାୟକ ବାଲେଶ୍ୱର ଗୋଲେଇ ନିକଟରେ ସ୍ୱାଗତ କରିବା ସହ ଆଗାମୀ ଦିନରେ ଉକ୍ତ ଦାବୀ ଗୁଡ଼ିକୁ ନେଇ ବିଧାନସଭାରେ ଆଲୋଚନା କରିବା ସହିତ ଦାବୀ ପୂରଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଓଡ଼ିଶା ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ ମଧ ଉପସ୍ଥିତ ରହି ଭୂମିଜମାନଙ୍କର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରିବା ସହିତ ଦାବୀ ହାସଲ ଦିଗରେ ସବୁପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ. ଭାରତୀୟ ଆଦିବାସୀ ଭୂମିଜ ସମାଜର ସଭାପତି ରାଜ କୁମାର ସିଂ, କେନ୍ଦ୍ରୀୟ କମିଟି ସଦସ୍ୟ ମଙ୍ଗୁ ସିଂ, ପାଇକ ସିଂ, ଉପ ସଚିବ ଗିତାମଣୀ ସିଂ, ସମ୍ପାଦକ ନୀଳକଣ୍ଠ ସିଂ, ସଦସ୍ୟ ରାମ ସିଂ, ଦେବକୀ ସିଂ, ମହେଶ୍ୱର ସିଂ, ମୁକ୍ତେଶ୍ୱରୀ ସିଂ, ଉମାରାଣି ସିଂ, ହାଡିବନ୍ଧୁ ସର୍ଦ୍ଦାର ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ବେଳେ ଏଥର ଯଦି ସରକାର ଭୂମିଜ ଭାଷାକୁ ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ସାମିଲ ପାଇଁ କୌଣସି ପଦକ୍ଷେପ ନନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଦୃଢ଼ ଏବଂ ଆବଶ୍ୟକ ହେଲେ ହିଂସାତ୍ମକ ପନ୍ଥା ଗ୍ରହଣ କରାଯିବ. ସେଥି ପାଇଁ ସରକାର ଦାୟୀ ରହିବେ ବୋଲି କହିଛନ୍ତି ।

## ପାରାଦ୍ୱୀପ ବନ୍ଦର ଚଳିତ ଆର୍ଥିକ ବର୍ଷରେ ପଚାଶ ଏମଏମଟି କାର୍ଗୋ ପରିଚାଳନା କରିବାରେ ଦ୍ରୁତତମ ମେଜର ପୋର୍ଟ

ପାରାଦ୍ୱୀପ , ୧୦/୦୮ (ନି.ପ୍ର): ପୂର୍ବ ଆର୍ଥିକ ବର୍ଷର ୬.୫% ଅଭିବୃଦ୍ଧି ପ୍ରଦର୍ଶନ କରି ପାରାଦୀପ ବନ୍ଦର ୮ ଅଗଷ୍ଟ ୨୦୨୩ ରେ ୫୦.୧୬ ଗଗଞ୍ଜ ରେକର୍ଡ କାର୍ଗୋ ପରିବହନ କରି ବୃହତ ବନ୍ଦର ମଧ୍ୟରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି । ପୂର୍ବ ବର୍ଷର ୧୪୦ ଦିନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ବନ୍ଦର ୧୨୯ ଦିନରେ ଏହି ସଫଳତା ହାସଲ କରିପାରିଛି । ପୂର୍ବ ଆର୍ଥିକ ବର୍ଷର ୮୧୨ ନମ୍ବର ଜାହାଜ ଗୁଡ଼ିକର ତୁଳନାରେ ପାରାଦୀପ ବନ୍ଦର ରେକର୍ଡ ସଂଖ୍ୟାକ ୯୪୨ ନଂ ଜହଜ ପରିଚାଳନା କରିଛି । ଏହି ସଫଳତା ପାଇଁ ବନ୍ଦରର ଅଧକ୍ଷ ଶ୍ରୀ ହରାନାଦ, ମାନ୍ୟବର ମନ୍ତ୍ରୀ ଶ୍ରୀ ସରବାନନ୍ଦ ସୋନୋୱାଲ ଜୀଙ୍କୁ କୃତଜ୍ଞତା ଜଣାଇଛନ୍ତି, ଯାହାର ଗତିଶୀଳ ନେତୃତ୍ୱ ଏବଂ ମାର୍ଗଦର୍ଶନ, ପିପିଏ ଏକ ନୂତନ ଅଧ୍ୟାୟ ଆଣିପାରିଛି । ସେ କହିଛନ୍ତି, "ଆମର ଉତ୍ସର୍ଗୀକୃତ କର୍ମଜୀବୀ ତଥା ଆମ ଦେଶର ସାମୂହିକ ଇଚ୍ଛାଶକ୍ତିର ଅଦମ୍ୟ ସମର୍ଥନ ସହିତ ଆମେ ପାରାଦୀପ ବନ୍ଦର ପାଇଁ ଉଲ୍ଲେଖନୀୟ



ସଫଳତାର କାହାଣୀ ଲେଖିବା ଜାରି ରଖିବୁ - ଏକ କାହାଣୀ ଯାହା ଆଗାମୀ ଭବିଷ୍ୟତ ପାଇଁ ଅଭିବୃଦ୍ଧି, ସ୍ଥିରତା ଏବଂ ଉଜ୍ଜ୍ୱଳ ଉଦାହରଣର ଉଦାହରଣ ଅଟେ । । " ବନ୍ଦରର ଉତ୍କୃଷ୍ଟ ସେବା କରିବାର କ୍ଷମତା ଉପରେ ଅଧିକାରୀ / କର୍ମଚାରୀ, ୟୁଜର୍ ଇଣ୍ଡଷ୍ଟ୍ରିଜ୍, ଷ୍ଟିଭେଡୋରସ୍, ଷ୍ଟିମର୍ ଏଜେଣ୍ଟ, ଟ୍ରେଡ୍ ୟୁନିଅନ୍, ପିପିପି ଅପରେଟରମାନଙ୍କ ଅବିରତ ବିଶ୍ୱାସ ଥିବାରୁ ଶ୍ରୀ ହରନାଦ୍ ସମସ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଭଦ୍ରକ ଜିଲ୍ଲା ସ୍କୁଲ ଲିଗାଲ୍ କ୍ଲବ୍‌ରେ ସଚେତନତା ଶିବିର

ଭଦ୍ରକ, ୧୦/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶରେ ଭଦ୍ରକ ଜିଲ୍ଲା ସ୍କୁଲରେ ଥିବା ଛାତ୍ରଛାତ୍ରୀଙ୍କ ନିମିତ୍ତ ଆଇନ୍ ସଚେତନତା କ୍ଲବରେ ଏକ କାର୍ଯ୍ୟକ୍ରମ ଧନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ମୁକ୍ତିରଞ୍ଜନ ଶତପଥୀ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା ସ୍ୱତନ୍ତ୍ର ବିଚ୍ଚରପତି (ପୋକ୍‌ସୋ), ଭଦ୍ରକ ଅଧକ୍ଷତା କରିଥିଲେ ଏବଂ ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ, ଜଭେନାଇଲ୍ ଜଷ୍ଟିସ୍ ବୋର୍ଡ଼, ଭଦ୍ରକର ସଦସ୍ୟ ଶ୍ରୀ ବନମାଳୀ ଜେନା, ସମ୍ମୁଖ କାର୍ଯ୍ୟାଳୟର ରିଟେନର, ଶ୍ରୀ କାହ୍ନୁଚରଣ ବାରିକ, ଡ. ତାପସ ମହାନ୍ତି, ପେନାଲ ଓକିଲ, ଶ୍ରୀ ଦୀପକ କୁମାର ସାହୁ, ପେନାଲ ଓକିଲ ଏବଂ ଶ୍ରୀ ରାଜିବ୍ କୁମାର ବାରିକ୍, ପେନାଲ ଓକିଲ ତଥା ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ସଚେତନତା ଶିବିରରେ ମାନବ ଚ୍ଛଲାଣ (ଦାଦନ) ଏବଂ ଯୌନ ଶୋଷଣରୁ କିପରି ପିଲାମାନଙ୍କୁ ରକ୍ଷା କରାଯିବ ସେ ନିମନ୍ତେ ଉଦ୍ଦିଷ୍ଟ ଆଇନ ମଧ୍ୟସ୍ଥତା ମାଧ୍ୟମରେ ପାରିବାରିକ ସମସ୍ୟାର ସହଜ ସମାଧାନ, ଔଷଧର ଅପବ୍ୟବହାର ଏବଂ ଏହାର ନିରାକରଣ ନିମନ୍ତେ ଥିବା ଆଇନ ସଂକ୍ରାନ୍ତୀୟ ତଥ୍ୟ ବିଷୟରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ପ୍ରତିଛବି ଜରିଆରେ ଯୌନ ଶୋଷଣ ଆଇନ୍ ଉପରେ ଆଧାରିତ ଚଳଚିତ୍ର ପିଲାମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଥିଲା।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମେରି ମାଟି', ମେରା ଦେଶ' କାର୍ଯ୍ୟକ୍ରମ

ମଙ୍ଗଳପୁର, ୧୦/୦୮ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ 'ମେରି ମାଟି, ମେରା ଦେଶ' କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ସଭାପତିତ୍ୱ କରିଥିଲେ ଅଧକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ । ଏନ୍.ଏସ.ଏସ ଅଧିକାରୀ ଡକ୍ଟର ସମ୍ବିତ କୁମାର ପଳିତା, ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଶ୍ରୀମତୀ ପୁଷ୍ପଲତା ପାଢ଼ୀ ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କୁ ଭାରତବର୍ଷର ୭୫ତମ ସ୍ୱାଧୀନତା ଦିବସ ପାଇଁ ବର୍ଷବ୍ୟାପି ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଆମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ବଳିଦାନ, ଆମ ଦେଶର ଉନ୍ନତି, ଅଗ୍ରଗତି ବିଷୟରେ ସେମାନେ ଆଲୋଚନା କରିଥିଲେ । ସମସ୍ତ ଛାତ୍ରଛାତୀ ସୁନାଗରିକ ହୋଇ ଦେଶର ତଥା ସମାଜର ଉନ୍ନତିରେ ସହାୟକ ହେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ମଙ୍ଗଳପୁର ନିବାସୀ ଶ୍ରୀଯୁକ୍ତ ଚକ୍ରଧର ରାଉତ ଏବଂ ପୂର୍ବତନ ସେନାଧିକାରୀ ଶ୍ରୀଯୁକ୍ତ ବିଜୟ କୁମାର ମହାଳିକଙ୍କୁ




ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ପରିସରରେ ୭୫ଟି ବୃକ୍ଷରୋପଣ ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି । ଦେଶର ଉନ୍ନତିରେ ସହଭାଗିତା ହେବାପାଇଁ, ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ଅଧକ୍ଷ ଶ୍ରୀଯୁକ୍ତ ବିଶ୍ୱାଳ ସମସ୍ତଙ୍କୁ ପଞ୍ଚପ୍ରାଣ ଶପଥପାଠ କରାଇଥିଲେ । ଅବଶେଷରେ ଡକ୍ଟର ପଳିତା ସଭାରେ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ବିଆଇ ଏଟିଏମ୍‌ରୁ ବାହାରିଲାନି ଟଙ୍କା : ମୁଖ୍ୟ ନବନ୍ଧକଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର ୧୦/୮(ନି.ପ୍ର): ଜଳେଶ୍ୱର ସହରରେ ଦୀର୍ଘବର୍ଷ ଧରି ଅବସ୍ଥାନ କରୁଥିବା ପ୍ରବୋଧ କୁମାର ପାତ୍ର ଗତ ୩୧ ତାରିଖରେ ବହବଜାରସ୍ଥିତ ଏସ୍‌ବିଆଇ ଏଟିଏମ୍‌ର ୯ହଜାର ଟଙ୍କା ଉଠାଣ ଲାଗି ଯାଇଥିଲେ । କିନ୍ତୁ ଟଙ୍କା ବାହାରିବା ପୂର୍ବରୁ ହଠାତ୍ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା । କିଛିସମୟ ପରେ ବିଜୁଳି ଆସିଥିଲେ ମଧ୍ୟ ଏଟିଏମ୍‌ରୁ ଟଙ୍କା ନ ବାହାରିବାରୁ ସେ ଏସ୍‌ବିଆଇ ଶାଖାକୁ ଯାଇ ଅଭିଯୋଗ କରିଥିଲେ । କିଛିଦିନ ଅପେକ୍ଷା କରିବାକୁ ପ୍ରତିଶୃତି ମିଳିଥିବାରୁ ପ୍ରବୋଧ ଘରକୁ ଫେରିଥିଲେ। ୧୧ ଦିନ ବିତିଥିଲେ ମଧ୍ୟ ଏହି ୧୧ ହଜାର ଟଙ୍କା ସଂପର୍କରେ କୌଣସି ତଥ୍ୟ ନ ମିଳିବାରୁ ଜଳେଶ୍ୱରର କେତେକ ବରିଷ୍ଠ ନାଗରିକ ଶରତ କୁମାର ପରିଡାଙ୍କ ନେତୃତ୍ୱରେ ଆଜି ମୁଖ୍ୟ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଲିଖିତ ଅଭିଯୋଗ ପାଇବାପରେ ଟଙ୍କା ନିଶ୍ଚିତ ପାଇବେ ବୋଲି ନିବନ୍ଧକ ଅଭୟବାଣୀ ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ଓ ମିଳିତ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ଅବସରରେ ସମ୍ମାନ ଗ୍ରହଣ କରୁଛନ୍ତି ପ୍ରଫେସର ଆଦିକନ୍ଦ ସାହୁ, ଡକ୍ଟର ହୃଷୀକେଶ ମଲ୍ଲିକ, ଡାକ୍ତର ଅମିତାଭ ଗିରି।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ଓ ମିଳିତ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ଅବସରରେ ସମ୍ମାନ ଗ୍ରହଣ କରୁଛନ୍ତି ଡ. କୁଂଜିବିହାରୀ ଧଳ, ଡ. ରତିକାନ୍ତ ବେହେରା, ଡ. ମଥୁରାନାଥ ହୋତା, ନଗେନ୍ଦ୍ର ନାଥ ପଟ୍ଟନାୟକ, ଦୀପକ ରଂଜନ ମିଶ୍ର, ଓ ବନୋଜ ତ୍ରିପାଠୀ।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ଓ ମିଳିତ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ଅବସରରେ ସମ୍ମାନ ଗ୍ରହଣ କରୁଛନ୍ତି ପ୍ରତିମା ଜେନା, ଇଂ. ହୃଷୀକେଶ ସାହୁ, ରାଇରଙ୍ଗପୁର ଆଇଟିଆଇ ଓ ଧାମରା ମତ୍ସ୍ୟ ପୋତାଶ୍ରୟ କେନ୍ଦ୍ରର କର୍ମକର୍ତ୍ତା।

## ମିରିଗିଣି ଖାଣ୍ଡିଆହୁଡ଼ି ପଥର ଖାଦାନକୁ ନେଇ ଏନଜିଟି ନୋଟିସ ପରେ ଓର୍ସାକ ଟିମ୍‌ର ମିଳିତ ତଦନ୍ତ



ନୀଳଗିରି , ୧୦/୦୮ (ନି.ପ୍ର): ନୀଳଗିରି ତହସିଲ ଅଧୀନ ମିରିଗିଣି ସ୍ଥିତ ଖାଣ୍ଡିଆ ହୁଡ଼ି ନିଲାମ ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ଘଟଣାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନୋଟିସ ଜାରି ପରେ ଓର୍ସାକ(ଡ଼ଜଝଇଉ) ଟିମର ତଦନ୍ତ। ସୂଚନା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଧିନସ୍ଥ ମିରିଗିଣି ଖଣ୍ଡିଆହୁଡ଼ିରେ ପ୍ରଶାସନ ପକ୍ଷରୁ ପଥର ଉତ୍ତୋଳାନ ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ। ଏନେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ସମେତ ବାଲେଶ୍ୱର ଜିଲ୍ଲାପାଳ ଓ ନୀଳଗିରି ତହସିଲଦାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏସମ୍ପର୍କରେ ୪ ସପ୍ତାହ ଭିତରେ ଉତ୍ତର ରଖିବାକୁ ଏନଜିଟି ନିର୍ଦ୍ଦେଶ ଜାରି କରିଥିଲା। ମିରିଗିଣିର ଖାଣ୍ଡିଆ ହୁଡ଼ି ପ୍ରସଙ୍ଗରେ ଗୁରୁବାର ପୂର୍ବାହ୍ନରେ ରାଜ୍ୟ ଓର୍ସାକ(ଡ଼ଜଝଇଉ)ଟିମ ଓ ନୀଳଗିରି ରାଜସ୍ୱ ବିଭାଗ ଏବଂ କୁଲଡିହା ବନ୍ୟଜନ୍ତୁ ବିଭାଗ ମିଳିତ ତଦନ୍ତ କରିଛନ୍ତି। ସୂଚନା ମୁତାବକ ମିରିଗିଣି ଖଣ୍ଡିଆହୁଡ଼ି ପାହାଡଟି ୮୭ ଏକର ଜମି ରହିଥିବା ବେଳେ ଗୋଟିଏ ଖାତା ଏବଂ ଗୋଟିଏ ପ୍ଲଟ ରହିଛି। ତେବେ ଉକ୍ତ ଖାଣ୍ଡିଆହୁଡ଼ି ପାହାଡଟି କୁଲଡିହା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ରହିଛି କି ନାହିଁ ବୋଲି ଓଡ଼ିଶା ରାଜ୍ୟ ଓର୍ସାକ ଟିମର ସିନିୟର ବୈଜ୍ଞାନିକ ଅନୀଲ କାନୁନଗୋ, ନୀଳଗିରି ତହସିଲଦାର ରଞ୍ଜନ ବେହେରା, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ଖାଣ୍ଡିଆହୁଡ଼ି ପାହାଡର ରୂପ ରେଖ ଜଣାପଡିବ ବୋଲି ସୂଚନା ମିଳିଛି।

## ଫାଇଲେରିଆ ନିରାକରଣ ଅଭିଯାନ: ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳ କଲେ ଔଷଧ ସେବନ



ବାରିପଦା , ୧୦/୦୮ (ନି.ପ୍ର): ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ତା'ଙ୍କ କାର୍ଯ୍ୟାଳୟରେ ଫାଇଲେରିଆ ନିରାକରଣ ନିମନ୍ତେ ଚଳିତ ଅଗଷ୍ଟ ମାସ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ସାମୁହିକ ଔଷଧ ସେବନ ଅଭିଯାନକୁ ସଫଳ କରିବା ତଥା ଜନସାଧାରଣ ଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦେଶ୍ୟ ରେ ପ୍ରଥମେ ନିଜେ ଉକ୍ତ ଔଷଧକୁ ସେବନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ୨୦୨୭ ମସିହା ସୁଦ୍ଧା ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ନିମନ୍ତେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ, ଏହାକୁ ସଫଳ କରିବା ପାଇଁ ପରିବାର ର ପ୍ରତ୍ୟେକ ସଦସ୍ୟ ନିର୍ଦ୍ଧାରିତ ହୋଇଥିବା ବୟସ ଓ ଉଚ୍ଚତା ଆଧାରରେ ବଟିକା ସେବନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଥାଉକି ଉକ୍ତ ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ଏବଂ ଜିଲ୍ଲାରେ ୩୨ ଟି କେନ୍ଦ୍ରରେ ଏହି ଔଷଧ ଉପଲବ୍ଧ ହେବାସହ ଶିକ୍ଷକ୍ଷନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ମାନଙ୍କରେ ମଧ୍ୟ ଔଷଧ ସେବନ ବ୍ୟବସ୍ଥା କରାଯାଇଛି। ଏହା ଛଡା ଘରକୁ ଘର ଯାଇ ମଧ୍ୟ ଏହି ଔଷଧ ସେବନ ପାଇଁ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଇତ୍ୟାଦିଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ମୋଟ ୨୯,୪୩,୮୪୯ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ସାମୁହିକ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

## ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନଙ୍କୁ ୱାଲମୀରେ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୦/୦୮ (ନି.ପ୍ର):ରାଜ୍ୟରେ ନବ ନିର୍ବାଚିତ ପାଣି ପଂଚାୟତ ଗୁଡିକର କର୍ମକର୍ତାମାନଙ୍କୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ରାଜ୍ୟ ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନଙ୍କର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପ୍ରତାପନଗରୀ ସ୍ଥିତ ୱାଲମୀ ଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ, ନୂଆଦିଲ୍ଲୀର କମିଶନର ଅନୁଜ କନୱାଲ, ୱାଲମୀ, ଓଡିଶାର ନିର୍ଦ୍ଦେଶକ, ଦେବୀଦ ରମଣୀ ରଞ୍ଜନ ପଟ୍ଟନାୟକ, ସେଚାଂଚଳ ବିକାଶ ଓ ସହଭାଗୀ ଜଳ ସେଚନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଇଂ କ୍ଷୀରୋଦ ଚନ୍ଦ୍ର ମହନ୍ତ, କ୍ଷୁଦ୍ର ଜଳସେଚନ ବିଭାର ଅଧିକ୍ଷଣ ଯନ୍ତ୍ରୀ ମନୋଜ ପଟ୍ଟନାୟକ, ମହାନଦୀ ନର୍ଥ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସଞ୍ଜୀବ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## କୃମି ବଟିକା ଖାଇ ସାତ ଛାତ୍ର ଛାତ୍ରୀଙ୍କ ସମେତ ଏକ ଛାତ୍ର ଗୁରୁତର: ବସ୍ତା ଡାକ୍ତରଖାନାରେ ଭର୍ତ୍ତି



ବସ୍ତା, ୧୦/୦୮ (ନି.ପ୍ର): ବସ୍ତା ଥାନା କୁଳିଦାପଞ୍ଚାୟତ ଗୁଡ଼ିଖାଳ ବନବିହାରୀ ଲାଲ ବିଦ୍ୟାଳୟ ରେ ଆଜି କୃମି ବଟିକା ଖାଇ ପାଞ୍ଚ ଜଣ ଛାତ୍ରୀ ଙ୍କ ସମେତ ଜଣେ ଛାତ୍ର ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ସମସ୍ତ ଗୁରୁତର ଙ୍କୁ ଉଦ୍ଧାରକରି ବସ୍ତା ଡାକ୍ତରଖାନା କୁ ପଠାଯାଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଗୁରୁବାର ବିଦ୍ୟାଳୟ ରେ ୩୬୦ ଜଣ ଛାତ୍ର ଛାତ୍ରୀ ଙ୍କୁ କୃମି ବଟିକା ଖାଇବାକୁ ଦିଆଯାଇଥିଲା। ଉକ୍ତ ବଟିକା ଖାଇବା ପରେ ବିଦ୍ୟାଳୟ ର ଏକାଧିକ ଛାତ୍ର ଛାତ୍ରୀ ଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ଆଉ କିଛି ଛାତ୍ରୀଙ୍କ ପେଟ ଦରଦ ସହିତ ବାନ୍ତି ହେବାରୁ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନା କୁ ପଠାଯାଇଥିଲା। ଛାତ୍ର ଛାତ୍ରୀ ଚେତା ଶୂନ୍ୟ ହୋଇଥିବା ବେଳେ ସେଠାରେ ଡାକ୍ତର ଛାତ୍ର ଛାତ୍ରୀ ଙ୍କ ପରୀକ୍ଷା ନିରୀକ୍ଷା କରିବା ପରେ ଔଷଧ ସହିତ ସାଲାଇଁନ ଦେଇଥିବା ଦେଖିବାକୁ ମିଳିଛି। ପ୍ରଥମେ ଗୁଡିଖାଳ ଅଞ୍ଚଳର ନିତ୍ୟାନନ୍ଦ ସାହୂ ଙ୍କ ଝିଅ ସୁଦିପ୍ତା,ଅରୁଣ ବେଚ ଙ୍କ ଝିଅ ପ୍ରତିମା,କେଶବ ବେହେରା ଙ୍କ ଝିଅ ସୁମିତ୍ରା,ଉମେଶ ମହାନ୍ତି ଙ୍କ ଝିଅ ଦିବ୍ୟାଭରତି,ଦିଲ୍ଲୀପ ବେହେରା ଙ୍କ ଝିଅ ଜ୍ୟୋସ୍ନା ,ମଧୁସୂଦନ ସେଠୀଙ୍କ ପୁଅ ଶୁଭ୍ରାଂଶୁ ଙ୍କୁ ଡାକ୍ତରଖାନା କୁ ପଠାଯାଇଥିବା ବେଳେ ପୁଣି ଦୁଇଜଣ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ରବୀନ୍ଦ୍ର ଦଳେଇ ଙ୍କ ଝିଅ କାବେରୀ କୁ ଡାକ୍ତରଖାନା କୁ ଅଣାଯାଇଥିବା ବେଳେ ଅନ୍ୟ ଜଣେ ଛାତ୍ର କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାଯାଇଛି।

## ପଞ୍ଚାୟତ ଅଧିକାରୀଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବିପତ୍ର ପ୍ରଦାନ




ଭଦ୍ରକ, ୧୦/୦୮ (ନି.ପ୍ର): ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ପଞ୍ଚାୟତ ଅଧିକାରୀମାନଙ୍କର ପ୍ରମୁଖ ୨ ଦଫା ଦାବି ନେଇ ଆଜି ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଦାବୀପତ୍ର ପ୍ରଦାନ କରିଥିଲେ। ୨ଟି ପ୍ରମୁଖ ଦାବୀ ମଧ୍ୟରେ ପଞ୍ଚାୟତ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତାକୁ ଯୁକ୍ତ୨ ପରିବର୍ତ୍ତେ ଯୁକ୍ତ ୩ କରାଯିବା ସହିତ ଦରମା କ୍ଷେତ୍ରରେ ଲେଭଲ - ୫ ପରିବର୍ତ୍ତେ ଲେଭଲ -୯ ଅର୍ଥାତ୍ ଦରମା ହାର ମାସିକ ଟ୨୧୭୦୦/- ପରିବର୍ତ୍ତେ ଟ୩୫୪୦୦/- କରାଯିବାକୁ ଦାବୀ କରାଯାଇଛି। ସେହିପରି ଦ୍ୱିତୀୟ ଦାବୀରେ ଯେଉଁ ପଞ୍ଚାୟତ ଅଧିକାରୀ ସେମାନଙ୍କ ମୂଳ ନିଯୁକ୍ତିର ୧୦ ବର୍ଷ ପୂରଣ କରିଛନ୍ତି ସେମାନଙ୍କୁ ନୂତନ ପଦବୀ ସୃଷ୍ଟି କରି ପଦୋନ୍ନତି ଦିଆଯାଉ ଏବଂ ଜିପିଡିଓ ପଦରେ ୧୦୦ ପ୍ରତିଶତ ପଦୋନ୍ନତି ପ୍ରଦାନ କରାଯାଉଓ ଏଥି ସହିତ ଓପିଆର୍‌ଏସ୍ କ୍ୟାଡର ରୁଲ୍‌ରେ ପିଇଓମାନଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଆଜି ସଂଘର ଜିଲ୍ଲା ସଭାପତି ଗୋପାଳ କିଶୋର ପଣ୍ଡା, ସମ୍ପାଦକ ପ୍ରକାଶ ନାୟକ, ରଜେନ୍ଦ୍ର ପ୍ରସାଦ ଦାସ, କାର୍ତ୍ତିକ ସ୍ୱାଇଁ, ଦୀପକ ମହାନ୍ତି, ଚିତ୍ତରଂଜନ ନାୟକ, ବିକ୍ରମ କୁମାର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଦୀନବନ୍ଧୁ ମହାନ୍ତି, ଶୁଭ୍ରାଂଶୁ ତ୍ରିପାଠୀ, ଚନ୍ଦ୍ରକାନ୍ତ ବେହେରା, କମଳାକାନ୍ତ ନାୟକ, ନିଶାକର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ରାଉତ, ରବୀନ୍ଦ୍ର କୁମାର ଦାସ ପ୍ରମୁଖ ପ୍ରଥମେ ବାଲଗୋପାଳ ମନ୍ଦିରରେ ଏକ ବୈଠକ କରି ସେଠାରୁ ଜିଲ୍ଲାର ୭ଟି ବ୍ଲକର ପଞ୍ଚାୟତ ଅଧିକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଭୂଅର୍ଜନ ଅଧିକାରୀ କାର୍ତ୍ତିକ ମଣ୍ଡଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ। ଏଥି ସହିତ ଜିଲ୍ଲା ଅତିରକ୍ତି ପ୍ରକଳ୍ପ ଅଧିକାରୀଙ୍କୁ ମଧ୍ୟ ଏକ ଦାବୀପତ୍ର ପ୍ରଦାନ କରାଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo